■ ଗ୍ରୀଷ୍ମ ପ୍ରବାହ ପାଇଁ ଗୋଟିଏ ଦିନ ବଢ଼ିଲା ଛୁଟି

## ୧୯ରେ ଖୋଲିବ ସ୍କୁଲ

ବାଲେଶ୍ୱର, ୧୭।୬(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାଜ୍ୟ ସରକାର ସ୍କୁଲଗୁଡ଼ିକୁ ଅଧିକ ଦିନ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଇ ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାରେ ସ୍କୁଲଗୁଡ଼ିକ ଗ୍ରୀଷ୍ମ ପ୍ରବାହ ପାଇଁ ୧୭ ତାରିଖ ପରିବର୍ତ୍ତେ ଅଧିକ ଗୋଟିଏ ଦିନ ଅର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ତେବେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ୧୯ ତାରିଖରେ ଖୋଲିବ। ସକାଳ ୬ଟାରୁ ଆରମ୍ଭ ହୋଇ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଚାଲିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଆଦେଶ ଜିଲ୍ଲାପାଳ ନଦେବା ପର୍ଯ୍ୟନ୍ତ ସେ ଭଳି ସ୍କୁଲ ଚାଲିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସୂଚନା ଦେଇଛନ୍ତି।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ସୋର, ୧୭।୬(ସମିସ): ସୋର ପୌରପାଳିକା ଅନ୍ତର୍ଗତ ମୋବାରକପୁର ଗ୍ରାମରେ ଜଣେ ଯୁବକ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଚନ୍ଦ୍ର ଶେଖର ମହାପାତ୍ର (୩୭)ଙ୍କର ତାଙ୍କ ପରିବାର ସହିତ ଗତ ଦୁଇଦିନ ତଳେ ଝଗଡ଼ା ହୋଇଥିଲା। ଆଜି ମଧ୍ୟାହ୍ନରୁ ଚନ୍ଦ୍ର ଶେଖର ଘରୁ ଆସିଥିବା ବେଳେ ଘରଠାରୁ କିଛି ଦୂରରେ ଥିବା ସତ୍ୟାନନ୍ଦ ହାଇସ୍କୁଲ ପଡ଼ିଆରେ ଥିବା ଏକ ବରଗଛରେ ବେକରେ ରଶି ବାନ୍ଧି ଝୁଲିପଡ଼ିଥିଲେ। ଅପରାହ୍ଣରେ ଗ୍ରାମର ଯୁବକମାନେ ଉକ୍ତ ପଡ଼ିଆକୁ ଖେଳିବାକୁ ଆସିଥିବା ବେଳେ ଚନ୍ଦ୍ର ଶେଖର ବରଗଛରେ ଝୁଲୁଥିବା ଦେଖି ତାଙ୍କ ପରିବାର ଓ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚନ୍ଦ୍ର ଶେଖରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖନାକୁ ଆଣିବା ସହିତ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଚନ୍ଦ୍ର ଶେଖର ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

■ ସଫା ହେଉନି ଡ୍ରେନ୍

## ବର୍ଷା ହେଲେ ରାସ୍ତାରେ ଭାସୁଛି ଡ୍ରେନ୍ ପାଣି






ବାଲେଶ୍ୱର, ୧୭।୬(ସମିସ): ବାଲେଶ୍ୱର ସହରରେ ଡ୍ରେନେଜ୍ ସମସ୍ୟା ଦୀର୍ଘ ଦିନରୁ ରହିଛି। ଏଠାରେ ମହାନାଳର ଅବସ୍ଥା ସଂଘାତିକ ହୋଇଥିବା ବେଳେ ଡ୍ରେନଗୁଡିକ ମାଷ୍ଟର ପ୍ଲାନ ହିସାବରେ ହୋଇନଥିବା କାରଣରୁ ଅସରାଏ ବର୍ଷା ହେଲେ ଡ୍ରେନରେ ପାଣି ଫୁଲ ହୋଇ ରାସ୍ତା ଉପରେ ବୋହି ଥାଏ। ଫଳରେ ଡ୍ରେନଗୁଡିକରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହୁଛି। ଅନ୍ୟପଟେ ଗତ ଶନିବାର ବାଲେଶ୍ୱରରେ ଭୀଷଣ ବର୍ଷା ହେବା ଫଳରେ ରାସ୍ତାରେ ପାଣି ଜମି ରହିଥିଲା। ଆଜି ସେହି ଡ୍ରେନଗୁଡିକରୁ ଅଳିଆ ଆବର୍ଜନା ଉଠା ହୋଇ ରାସ୍ତା କଡ଼ରେ ପଡି ରହିଥିଲା। ଯାହାଫଳରେ ସେଠାରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ପୌରପରିଷଦର ବିଭିନ୍ନ ୱାର୍ଡକୁ ସଂଯୋଗ ହୋଇଛି ଡ୍ରେନ। ଏହି ଡ୍ରେନରେ ବର୍ଷା ପାଣି ସାଙ୍ଗକୁ ଲୋକମାନଙ୍କ ଘରର ପାଣି ମଧ୍ୟ ଯାଇଥାଏ। ତେବେ ଦୀର୍ଘ ଦିନ ହେବ ପୌରପରିଷଦ ପକ୍ଷରୁ ଡ୍ରେନଗୁଡିକୁ ସଫା କରାଯାଉ ନଥିବା କାରଣରୁ ଡ୍ରେନଗୁଡିକୁ ଅଳିଆ ଆବର୍ଜନାରେ ପୋତି ହୋଇଗଲାଣି। ଫଳରେ ବର୍ଷା ହେଲେ ପାଣି ରାସ୍ତା ଉପରେ ଭାସସିଥାଏ। ତେବେ ଗତ ଶନିବାର ସନ୍ଧ୍ୟାରେ ବାଲେଶ୍ୱରରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଏହି ବର୍ଷା କାରଣରୁ ୯ ନମ୍ବର ୱାର୍ଡସ୍ଥିତ ଆଜିମାବାଦ ଛକ ଠାରେ ଥିବା ଡ୍ରେନ ପାଣି ରାସ୍ତା ଉପରକୁ ଉଠି ଆସିଥିଲା। ତେବେ ଆଜି ଏହି ଡ୍ରେନକୁ ସଫା କରାଯାଇଛି। ସଫା କରିବା ପରେ ପାହାଡ଼ ଭଳି ଅଳିଆ ଆବର୍ଜନା ସେଠାରୁ ବାହାରିଥିଲା। ତାକୁ ରାସ୍ତା ଉପରେ ଗଦା କରି ରଖାଯାଇଥିଲା। ଯାହାଫଳରେ ଦୁର୍ଗନ୍ଧମୟ ହୋଇପଡୁଥିବା ବେଳେ ଯାତାୟାତ କରୁଥିବା ଲୋକଙ୍କୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଥିଲା। ତେବେ କେବଳ ଏହି ୱାର୍ଡର ଡ୍ରେନ ଅବସ୍ଥା ସେଇଆ ନୁହେଁ ବରଂ ସମସ୍ତ ୱାର୍ଡରେ ଥିବା ଡ୍ରେନଗୁଡିକରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଫଳରେ ଏନେଇ ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ ଡ୍ରେନଗୁଡିକୁ ତୁରନ୍ତ ସଫା କରିବା ପାଇଁ ଦାବି କରିଛନ୍ତି।

**ଆବର୍ଜନା କଢ଼ାଯାଇ ରାସ୍ତାରେ ଗଦା ହେଉଛି**

ବାଲେଶ୍ୱରରେ ଇଦ୍-ଉଲ୍-ଜୁହା ପାଳିତ

# ବିଭିନ୍ନ ମସଜିଦ୍ ଓ ଦରଘାରେ ସମୂହ ନମାଜ ପାଠ

ବାଲେଶ୍ୱର, ୧୭।୬(ସମିସ): ସୋମବାର ସାରା ଦେଶରେ ଇସଲାମ ଧର୍ମାବଲମ୍ବୀମାନଙ୍କ ପକ୍ଷରୁ ତ୍ୟାଗ ଓ ବଳିଦାନର ପର୍ବ ବକ୍ରି ଇଦ୍ ବା ଇଦ୍ ଉଲ୍ ଜୁହା ପର୍ବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ସମେତ ସହରର ସମସ୍ତ ମସଜିଦ ଏବଂ ଦରଘାରେ ସାମୂହିକ ନମାଜ ପାଠ ଅନୁଷ୍ଠିତ ହୋଇଥିଲା। ନମାଜ ପାଠ ପରେ ଦରଘା ମଇଦାନସ୍ଥିତ କଦମ ରସୁଲ କବରସ୍ତାନରେ ପହଞ୍ଚି ଦୁଆ ମାଗିଥିଲେ। ପରେ ହାତ ଏବଂ କାନ୍ଧ ମିଳାଇ ପରସ୍ପରକୁ ବକ୍ରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ବକରିଦ ତ୍ୟାଗ, ବଳିଦାନ, ଏବଂ ଉତ୍ସର୍ଗର ଦିବସ ହୋଇଥିବାରୁ ପ୍ରତ୍ୟେକ ବ୍ୟକ୍ତି କୌଣସି ସ୍ୱାର୍ଥ ନରଖି ଜନସାଧାରଣଙ୍କ ପ୍ରତି ସେବା ମନୋଭାବ ପ୍ରଦର୍ଶନ କରିବା ଆବଶ୍ୟକ। ଯୁବପିଢ଼ିଙ୍କ ମଧ୍ୟରେ ଏହି ବାର୍ତ୍ତା ପହଞ୍ଚାଇବା ଏହି ପର୍ବର ଉଦ୍ଦେଶ୍ୟ ବୋଲି ମୁସଲିମ ବୁଦ୍ଧିଜୀବୀମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସହରର ଖ୍ୱାଜାବାଗ, ବାଲୁବଜାର, ପଠାଣ ମହଲ୍ଲା, ମୋତିଗଞ୍ଜ ବଜାର, କଚେରୀସ୍ଥିତ ଇଦ୍‌ଘା, ଖଲାସିମହାଲ୍ଲା, ସ୍କୁଲ ବଜାରସ୍ଥିତ ଖାଲିଫା ମସଜିଦ, ସୁନହଟସ୍ଥିତ ଜାମା ମସଜିଦ, କାଦରି ମହଲ୍ଲା, ଦରଘା ମୈଦାନଠାରେ ଥିବା କଦମ ରସୁଲ ମସଜିଦ ସମେତ ସହର ଉପକଣ୍ଠ ଅନ୍ୟାନ୍ୟ ମସଜିଦରେ ସାମୂହିକ ନମାଜ ପାଠ ହୋଇଯାଇଛି। ଇଦ୍ ମିଳନ କମିଟି ପକ୍ଷରୁ ଦରଘା ମଇଦାନରେ ଅନୁଷ୍ଠିତ ସାମୂହିକ ନମାଜ ପାଠ ହାଫିଜ ଅବଦୁଲ ତୋହିଦ ପଢ଼ାଇଥିବା ବେଳେ ଆଇନଜୀବୀ ସେଖ ଅବଦୁଲ ରଫିକ, ହାଜି ଗୋଲାମ ଖାନ, ସଲିମ ରାଜା, ସେଖ କାଲା ପ୍ରମୁଖ ପରିଚାଳନା କରିଥିଲେ।



## କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ବିଜେତା ସଞ୍ଜୟ ପଣ୍ଡାଙ୍କୁ ଶୁଭେଚ୍ଛା

ବାଲେଶ୍ୱର, ୧୭।୬(ସମିସ)



ସ୍ଥାନୀୟ ବିବେକାନନ୍ଦ ମାର୍ଗସ୍ଥିତ ଶାନ୍ତି ଗେଷ୍ଟ ହାଉସର ଡାଲଚିନି ହଲ୍‌ଠାରେ 'ଭଲ କବିତାର ଖୋଜ୍' ପକ୍ଷରୁ ୭୬ତମ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବରେ ସୁଖ୍ୟାତ କବି ଅମିୟ ରଞ୍ଜନ ମହାପାତ୍ର ଯୋଗ ଦେଇଥିବା ବେଳେ ବିଶେଷ ଆମନ୍ତ୍ରିତ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ବିଜେତା ଗାଳ୍ପିକ ସଞ୍ଜୟ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଶ୍ରୀଦେବ, ଗୀତିକାର ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ରଞ୍ଜନ ବାଗ, କବି କମଳିନୀ କାନ୍ତ, କୃଷ୍ଣ କୁମାର ମହାନ୍ତି ଓ ଉତ୍ପଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ 'ଭଲ କବିତାର ଖୋଜ୍'ର ଅନ୍ୟତମ ଆବାହକ କୃଷ୍ଣ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେବା ପରେ କବି ଶ୍ରୀଦେବ ଅମିୟ ରଞ୍ଜନ ମହାପାତ୍ର ଓ ସଞ୍ଜୟ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ନୂଆ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଭଲ କବିତାର ଖୋଜ୍ ଆଜି ଯେଉଁଠି ପହଞ୍ଚି ପାରିଛି ସେଥିପାଇଁ ବାଲେଶ୍ୱର ମାଟିର ଲେଖକଙ୍କୁ ପ୍ରଶଂସା କରିବାକୁ ପଡ଼ିବ। ବାଲେଶ୍ୱର ଓ କଟକ ପାଖାପାଖି ଦୁଇଟି ଜିଲ୍ଲା ପରି ମନେହୁଏ ଏଥିପାଇଁ ଯେ ସବୁବେଳେ ଏ ଦୁଇ ଜିଲ୍ଲାର ଲେଖକମାନଙ୍କ ସହିତ ଯୋଡ଼ିଥାଏ ଏକ ଅଛିଣ୍ଡା ସମ୍ପର୍କର ଡୋର। ବେଳେବେଳେ ଲାଗେ ଭଲ କବିତାର ଖୋଜ୍ ଭଳି ଏକ ଈର୍ଷଣୀୟ ମଞ୍ଚ କାହିଁକି କଟକରେ ହେଲା ନାହିଁ। ନୂଆ ପ୍ରତିଭାଙ୍କୁ ଖୋଜି ବାହାର କରିବା ଦିଗରେ ଏହି ମଞ୍ଚର ଆବଶ୍ୟକତା ରହିଛି ଏବଂ ଏଭଳି କାର୍ଯ୍ୟକ୍ରମକୁ ବନ୍ଦ ନକରିବାକୁ ଅତିଥି କବି କଥା ଛଳରେ କହିଥିଲେ। ଆସରରେ ଉପସ୍ଥିତ ସମସ୍ତେ ନିଜ ନିଜ କବିତା ପଢ଼ିଥିବା ବେଳେ କବି ଶ୍ରୀଦେବ ବର୍ଷୀୟାନ କବି ଶୁଭେନ୍ଦୁ ମୋହନ ଦାସଙ୍କ 'ସବୁ ଶବ୍ଦ ହଜିଯାଏ' ବହିରୁ ବନଲତା ସେନ୍‌ଙ୍କ କବିତା ଏବଂ କୃଷ୍ଣ କୁମାର ମହାନ୍ତି ବରିଷ୍ଠ କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଏକ କବିତା ପାଠ କରିଥିଲେ। ଶେଷରେ ଅନ୍ୟତମ ଆବାହକ ଉତ୍ପଳ ମହାନ୍ତି ପଠିତ କବିତା ସବୁର ସମୀକ୍ଷା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ତିରୋଧାନ ଦିବସ

ବାଲେଶ୍ୱର, ୧୭।୬(ସମିସ)

ଶ୍ୟାମାନନ୍ଦ ପ୍ରେମସଂସ୍ଥାନ ରେମୁଣା ଶାଖା ପକ୍ଷରୁ ଭାଷ୍ୟକାର ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ତିରୋଧାନ ଦିବସ ତାଙ୍କ ଜନ୍ମପୀଠରେ ପାଳିତ ହୋଇଯାଇଛି। ସାହିତ୍ୟିକ ଡଃ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସନ୍ଥ କୃଷ୍ଣମୋହନ ମହାରାଜ, ମୁଖ୍ୟବକ୍ତା ଗବେଷକ ହରେକୃଷ୍ଣ ଗିରି, ବରେଣ୍ୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ବନମାଳୀ ମହାରାଜ, ସଚ୍ଚିଦାନନ୍ଦ ମହାରାଜ, ଅଚିନ୍ତ୍ୟ କୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ବଳଦେବଙ୍କ ଜୀବନ ଦର୍ଶନ, ବିଦ୍ୟାଭୂଷଣ ଉପାଧି ତଥା ତାଙ୍କ ରଚିତ ଭାଷ୍ୟଗୁଡ଼ିକ ଆଧ୍ୟାତ୍ମିକ ଜଗତର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ବୋଲି ମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୋପାଳ କୃଷ୍ଣ ଦ୍ୱିବେଦୀ, ପ୍ରୀତମ ପ୍ରଭୁଜୀ, ଆଶିଷ କୁମାର ସାହୁ, ଦେବାଶିଷ ସାହୁ, ଶ୍ରୀମତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାଗ୍ୟଶ୍ରୀ ପଣ୍ଡା, ସସ୍ମିତା ଜେନା, ରଶ୍ମିତା ପଣ୍ଡା ଗୀତା ପାଠ କରିଥିବା ବେଳେ ଉପସ୍ଥିତ ଶତାଧିକ ଭକ୍ତ ନାମ ସଂକୀର୍ତ୍ତନ କରିଥିଲେ। ଶେଷରେ ସଚ୍ଚିଦାନନ୍ଦ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପୂର୍ବତନ ବିଧାୟକ ମଦନମୋହନଙ୍କ ପୁଣ୍ୟତିଥିରେ ରକ୍ତଦାନ ଶିବିର



ବାଲେଶ୍ୱର, ୧୭।୬(ସମିସ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତଃ ମଦନ ମୋହନ ଦତ୍ତଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଜେପି ସଦର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦତ୍ତଙ୍କ ପୁଅ ତଥା ସଦର ବିଧାୟକ ମାନସ କୁମାର ଦତ୍ତ ଓ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ବିଧାୟକ ଥିବା ସମୟରେ ସେ ବାଲେଶ୍ୱରର ଉନ୍ନତି ପାଇଁ ସଦାସର୍ବଦା କାର୍ଯ୍ୟରତ ଥିଲେ। ସୁଖରେ କି ଦୁଃଖରେ, ଥାନାରେ ହେଉ କି ଡାକ୍ତରଖାନା, ସେ ସଦା ସର୍ବଦା ଜନସାଧାରଣଙ୍କ ସେବାରେ ନିଜ ଜୀବନକୁ ସମର୍ପିତ କରିଥିଲେ ବୋଲି ବିଧାୟକ ଶ୍ରୀ ଦତ୍ତ କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ବିଭୂପଦ ଦାସ, ସତ୍ୟଜିତ ମିଶ୍ର, ରୋଜାଲିନ ପାଣି, ନିରୁପମା ଦାଶ, ପ୍ରତିମା ବେହେରା, ସସ୍ମିତା ନାଥ, ଜିଲ୍ଲା ପରିଷଦ ସଭ୍ୟ ଗୟାଧର ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ଧୀରଜ ମହାନ୍ତି, ବିକାଶ ପାଢ଼ୀ, ପ୍ରବୀର ଶଙ୍କର ଦାଶ, ମନ୍ମୟ ଦାସ, ସୌଭଗ୍ୟ ପବନ କମିଲା, ସୌଭଗ୍ୟ ମାନସ ନାୟକ, ଜଳେନ୍ଦ୍ର ସେଠୀ, ମନୋରଞ୍ଜନ ନନ୍ଦି, ଶ୍ରୀୟା ଦାସ, ସସ୍ମିତା ଦାଶ, ସୁସ୍ମିତା ଶୁକ୍ଲା, ପ୍ରତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୧୩୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ପରିବା ଦର ଆକାଶଛୁଆଁ; ଚିନ୍ତାରେ ଖାଉଟି

ବାଲେଶ୍ୱର, ୧୭।୬(ସମିସ)



ଚଳିତ ସାଧାରଣ ନିର୍ବାଚନ ଫଳାଫଳ ପରେ ରାଜ୍ୟର ବିଭିନ୍ନ ସହରରେ ପନିପରିବା ଦରଦାମ ଆକାଶଛୁଆଁ ହେଲାଣି। କିଛିଦିନ ମଧ୍ୟରେ ନିର୍ବାଚନ ପରେ ପରେ ରାଜ୍ୟର ଅନ୍ୟ ସହର ଭଳି ବାଲେଶ୍ୱର ସହରରେ ମଧ୍ୟ ପରିବା ଦରଦାମ ବୃଦ୍ଧି ପାଇଛି। ଅଧିକାଂଶ ଖାଦ୍ୟ ସାମଗ୍ରୀର ଦର ବଢ଼ିଛି। ସାଧାରଣ ଖାଉଟିଙ୍କ ପାଇଁ ଦର ବୃଦ୍ଧି ବଡ଼ ସମସ୍ୟା ସୃଷ୍ଟି କରୁଛି। କଞ୍ଚା ପାରିବା ଶାଗଠୁ ଆରମ୍ଭ କରି ଚାଉଳ, ଡାଲି, ତେଲ ଅଟା, ସୁଜି ମଇଦା ଆଦିର ଦାମ ମହଙ୍ଗା ହୋଇଛି। ଆଳୁ, ପିଆଜ, ଅଦା, ରସୁଣ ସମେତ ରୋଷେଇରେ ଆବଶ୍ୟକ ସମସ୍ତ ସାମଗ୍ରୀର ଦର ବୃଦ୍ଧି ହୋଇଛି। ଏହା ଛଡ଼ା ଡାଲି ଦର କିଲୋ ପିଛା ୧୫ରୁ ୨୦ ଟଙ୍କାକୁ ବୃଦ୍ଧି ଘଟିଛି। ହରଡ଼ ଡାଲି କିଣା ୧୬୦ରୁ ୧୭୦ ଟଙ୍କା ପଡୁଥିବାବେଳେ ଖୁଚୁରା ବଜାରରେ ଦୋକାନୀ କିଲୋ ପିଛା ୧୮୦ ଟଙ୍କା ତ କେଉଁଠି ୨୦୦ ଟଙ୍କାରେ ମଧ୍ୟ ବିକ୍ରି କଲେଣି। ଏହା ଛଡ଼ା ଆଳୁର ପାଇକାରୀ ଦର କିଛି ଦିନ ପୂର୍ବରୁ ୨୫ ଟଙ୍କା ବିକ୍ରି ହେଉଥିଲା ତାହା ଏବେ ୩୦ ଟଙ୍କା ଏବଂ କେଉଁ କେଉଁ ସ୍ଥାନରେ ମଧ୍ୟ ୩୨ ଟଙ୍କାରେ ବିକ୍ରି ହେଲାଣି। ସେହିଭଳି ୨୭ ଟଙ୍କାରେ ବିକ୍ରି ହେଉଥିବା ପିଆଜ ଏବେ ୩୫ ଟଙ୍କାରେ ବିକ୍ରି ହେଉଛି।

ଏପଟେ ପନିପରିବା ଦର ଉପରେ ନଜର ପକାଇଲେ ଜଣାପଡ଼େ ଚାଲାଣ ପୋଟଳ ଦମ ୩୦ରୁ ୪୦ ଟଙ୍କାରେ, ବାଇଗଣ ୪୦ରୁ ୩୫ ଟଙ୍କାରେ ଏବଂ କଖାରୁ ୩୦ ଟଙ୍କାରେ ବିକ୍ରି ହେଉଛି। ଖୁଚୁରା ବଜାରରେ କଞ୍ଚା ପରିବା ପାଇକାରୀ ବଜାର ତୁଳନାରେ କିଲୋ ପିଛା ୨୦ରୁ ୩୦ ଟଙ୍କା ଅଧିକରେ ବିକ୍ରି ହେଉଛି। ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ୮୦ଟଙ୍କା, ବାଇଗଣ କିଲୋ ୭୦ ଟଙ୍କାରୁ ୮୦ ଟଙ୍କା, ବିମ କିଲୋ ପିଛା ୨୦୦ ଟଙ୍କା, କ୍ୟାପସିକମ ୧୮୦ ଟଙ୍କା, ଫୁଲକୋବି ୬୦ରୁ ୮୦ ଟଙ୍କା, ବନ୍ଧାକୋବି ୪୦ରୁ ୫୦, ଟଙ୍କା, ଜହ୍ନି ୫୦ରୁ ୬୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, ପୋଟଳ ୮୦ ଟଙ୍କା, କାକୁଡ଼ି ୮୦ ଟଙ୍କାରେ ବିକ୍ରି ହେଉଛି। ସେପଟେ ଦର ବୃଦ୍ଧି ମଧ୍ୟବିତ୍ତ ଲୋକଙ୍କ ପାଇଁ ଏକ ସମସ୍ୟା ପାଲଟିଲାଣି। ଶହ ଶହ ଟଙ୍କାରେ ପରିବା କିଣିଲା ବେଳକୁ ମଧ୍ୟ ଘରେ ଗୋଟେ ଦିନକୁ ଖାଇବା ନିଅଣ୍ଟ ପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଆଳୁ କିଲୋ ପିଛା ଦର ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଲାଣି। ଏନେଇ ପରିବା ବ୍ୟବସାୟୀ ପ୍ରଦୀପ କୁମାର ପାତ୍ର କୁହନ୍ତି କି ବର୍ତ୍ତମାନର ପରିବା ଦାମ ଘଣ୍ଟାକୁ ବୃଦ୍ଧି ଘଟୁଛି। ପରିବା ଦରରେ ଏବେ କୌଣସି ସ୍ଥିର ଦାମ ନାହିଁ। ଏହା ଛଡ଼ା ଶ୍ରୀ ପାତ୍ର କହିଛନ୍ତି, ନିର୍ବାଚନ ପରେ ପରେ ପରିବା ଦର ବୃଦ୍ଧି ଘଟିଛି। ଏହାର କାରଣ ହେଉଛି ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବାଲେଶ୍ୱର ସହର ପାଇଁ ଯେତିକି ପରିବା ଆବଶ୍ୟକ ହେଉଛି ତାହାଠୁ କମ ଆମଦାନୀ ହେଉଛି। ସହର ପାଇଁ ଆବଶ୍ୟକ ପରିମାଣର ପରିବା ଆସୁନାହିଁ। ଏହା ଦର ବୃଦ୍ଧିର ଏକ ବଡ଼ କାରଣ ବୋଲି କହିଛନ୍ତି ଶ୍ରୀ ପାତ୍ର କହିଛନ୍ତି।

## ଲେଖିକା ସଂସଦ ପକ୍ଷରୁ ରଜ ପର୍ବ ପାଳିତ



ବାଲେଶ୍ୱର, ୧୭।୬(ସମିସ): ଲେଖିକା ସଂସଦ ବାଲେଶ୍ୱର ଶାଖା ପକ୍ଷରୁ ବଟେଶ୍ୱରସ୍ଥିତ ରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରଜ ପର୍ବ ପାଳିତ ହୋଇଯାଇଛି। ସଂସଦର ବରିଷ୍ଠ ସଦସ୍ୟା ରଶ୍ମିରେଖା ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଲେଖିକା ଅଞ୍ଜଳୀ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ କବି ଅଭୟ ଦାସ ଯୋଗଦେଇ ରଜର ମହତ୍ୱ ଏବଂ ଏବେ କେମିତି ପାଳନ କରାଯାଉଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିଭଳି ଅନୁଷ୍ଠାନର ସଦସ୍ୟା ପୃଷ୍ପା ଦାସ, ଅରୁଣା ରାୟ, ପ୍ରତିମା ପଣ୍ଡା, କଲ୍ୟାଣୀ ନନ୍ଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହ ରଜ ଉପରେ ସୁନ୍ଦର ସୁନ୍ଦର କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ଡ. ସିନ୍ଧୁ ସେନ ପ୍ରାକ୍ କଥା ପ୍ରଦାନ କରିଥିବା ବେଳେ ଶେଷ କଥା ରଖିଥିଲେ ମନସ୍ୱିନୀ ଦେବୀ। ଏହି ପରିପ୍ରେକ୍ଷୀରେ ସେଠାରେ ବିଭିନ୍ନ ପ୍ରକାର ପିଠା ଓ ମିଠାର ପ୍ରତିଯୋଗିତା କରାଯାଇଥିଲା। ୪୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅଧିକ ଆକର୍ଷଣୀୟ ଥିଲା ପୋଡ଼ପିଠା, ଆରିସା କାକରା, ଏଣ୍ଡୁରି ପିଠା, ଦହିବରା, ବିଭିନ୍ନ ପ୍ରକାର ମିଠା ଓ ରଜପାନ। ଏହି ଅବସରରେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ସକାଳ THE SAKALA



www.sakalaepaper.com

## ବଲାଣିପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଭଙ୍ଗାଦଦରା ଶ୍ରେଣୀ ଗୃହ ପିଲାଙ୍କ ପାଇଁ ବିପଦ

କେନ୍ଦୁଝର,୧୭।୬(ସମିସ)

କେନ୍ଦୁଝର ଜିଲ୍ଲାରେ ଶହ ଶହ ବିଦ୍ୟାଳୟର କାୟାକଳ୍ପ ବଦଳିଛି। ମରାମତି ଠାରୁ ନୂତନ ଶ୍ରେଣୀ ଗୃହ ନିର୍ମାଣ ହୋଇଛି। କିନ୍ତୁ ବଲାଣିପଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଭଙ୍ଗା ଦଦରା ଘରର ପରିସ୍ଥିତି ବଦଳିଲା ନାହିଁ। ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ପଛୁଆ ଅଞ୍ଚଳରେ ଅବସ୍ଥିତ। ଉକ୍ତ ବିଦ୍ୟାଳୟଟି ସେ ଅଞ୍ଚଳର ଏକମାତ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଟେ। ଏଠାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହୋଇଥାଏ। ବିଦ୍ୟାଳୟଟି ଦେଶ ସ୍ୱାଧୀନତା ପରେ ୧୯୫୩ ମସିହାରୁ ସ୍ଥାପିତ ହେଲାଣି। ବିଦ୍ୟାଳୟର ପାଚେରି କାମ ହୋଇଛି। ଫାଟକ କାମ ହୋଇଛି। ପିଲା ମଧ୍ୟ ଭଲ ହେଉଛନ୍ତି। ମାତ୍ର



ପରିସରରେ ଥିବା ପୁରୁଣା କୋଠାର ଶ୍ରେଣୀ ଗୃହ ଗୁଡ଼ିକ ମରାମତି ଅଭାବରୁ ଭଙ୍ଗାଦଦରା ହୋଇ ପଡିରହିଛି। ସତେ ଯେପରି କାହାରିକୁ ଦେଖା ଯାଉନାହିଁ। ଏହି ପରିତ୍ୟକ୍ତ ଶ୍ରେଣୀ ଗୃହଟି ପିଲାଙ୍କ ପାଇଁ ବିପଦ ସୃଷ୍ଟି ଆଶଙ୍କା ରହିଛି। ଏହି ପରିତ୍ୟକ୍ତ ଘରେ ପୂର୍ବରୁ ପାଠ ପଢ଼ାଯାଉନାହିଁ। କିନ୍ତୁ ଘର ଗୁଡିକ ରଖାଯାଇଛି କାହିଁକି ବୁଝା ପଡୁନାହିଁ। କେତେବେଳେ ପିଲାମାନେ ଏଠାରେ ଚଲାବୁଲା କରିବା ସମୟରେ କୋଠା ଭାଙ୍ଗି ପଡିଲେ କିଏ ଦାୟୀ ହେବେ ଜଣାନାହିଁ। ଖରା ଛୁଟି ପରେ ଖୁବଶୀଘ୍ର ବିଦ୍ୟାଳୟ ଖୋଲିବ। ପରେ ପୁଣି ବର୍ଷାଦିନ ଆସୁଛି। ତେଣୁ ଭଙ୍ଗା ଦଦରା ଘରର ସ୍ଥାୟୀ ମରାମତି କିମ୍ବା ଏହାକୁ ଭାଙ୍ଗି ନୂତନ ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। ନଚେତ କେତେବେଳେ ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଯାଇ ପାରୁନି।

# ଆଜି ଖୋଲିବ ସ୍କୁଲ୍

**୧୮ ରୁ ୨୦ ହେବ ସକାଳୁଆ**

**କେନ୍ଦୁଝର,୧୭।୬(ସମିସ):** କେନ୍ଦୁଝରରେ ଖରାଛୁଟି ପରେ ୧୮ ତାରିଖ ସ୍କୁଲ ଖୋଲିବାକୁ ଯାଉଛି। ପାଣିପାଗ ବିଭାଗ ସୂଚନାକୁ ଆଧାରକରି ଓ କେନ୍ଦୁଝର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଆସନ୍ତା ଜୁନ୍ ୧୮ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବା ନେଇ ସମୟ ନିର୍ଘଣ୍ଟ କରାଯାଇଥିବା କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମଶାସନ ସଚିବ ହେଲେ ଉପଜିଲ୍ଲାପାଳ

**କେନ୍ଦୁଝର,୧୭।୬(ସମିସ):** କେନ୍ଦୁଝର ଉପଜିଲ୍ଲାପାଳ ତଥା ବରିଷ୍ଠ ଓଏଏସ୍ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କର ଯୁଗ୍ମଶାସନ ସଚିବ ରୂପେ ବଦଳି କରାଯାଇଛି। ସୋମବାର ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗ ତରଫରୁ ବିଜ୍ଞପ୍ତି



ପ୍ରକାଶ ପାଇଛି। କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ କେନ୍ଦୁଝର ଉପଜିଲ୍ଲାପାଳଙ୍କୁ ତାଙ୍କ ଯୁଗ୍ମ ଶାସନ ସଚିବ ଭାବେ ବଦଳି କରାଯାଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ଅଗ୍ରସର ହେବାରେ ସହଜ ହୋଇପାରିବ।

# କାଠ ଫାଳିଆ ମାଡ଼ରେ ମା' ମୃତ ଘଟଣାରେ ପୁଅ ଗିରଫ

**ବାଲିବନ୍ଧ,୧୭।୬(ସମିସ):** ଝୁମ୍ପୁରା ଥାନା ଅଧୀନସ୍ଥ ଖେଣ୍ଡରା ପଞ୍ଚାୟତ ଫକୀରପୁର ଗ୍ରାମରେ ପୁଅ କାଠ ଫାଳିଆ ମାଡ଼ରେ ମା' ମୃତ ଘଟଣାରେ ଫେରାରଥିବା ନୃଶଂସ ପୁଅ ଭୁଣ୍ଡାକୁ ପୁଲିସ ସୋମବାର ଗିରଫ କରିଛି। ତେବେ ଫକୀରପୁର ଗ୍ରାମର ଭଗବାନ ନାଏକ (୩୧) ଓରଫ ଭୁଣ୍ଡା ନିଜ ମା' ବାସୁମତୀ ନାଏକ (୭୦)କୁ କାଠ ଫାଳିଆରେ ପିଟି ମାରି ଦେଇଥିବା ନେଇ ସାନ ପୁଅ ସହଦେବ ନାଏକ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ମୁତାବକ ସ୍ୱାମୀର ମୃତ୍ୟୁ ପରେ ବୃଦ୍ଧା ବସୁମତୀ ସରକାରୀ ଚାଉଳ ଓ ଭତ୍ତାକୁ ସାହାରା କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ସାନ ପୁଅ ସହଦେବ ବାହାରେ ରହି କାମ କରୁଥିବା ବେଳେ ମଝିଆଁ ପୁଅ ଭଗବାନ ନାଏକ ଓରଫ ଭୁଣ୍ଡା ଘରେ ରହୁଥିଲା। ଅନେକ ସମୟରେ ଭୁଣ୍ଡା ଡରେଇ ଧମକେଇ ମା'ର ଭତ୍ତା ଟଙ୍କାକୁ ଛଡେଇ ନେଇ ମଦ ପିଇ ମସଗୁଲ ହୋଇ ରହୁଥିବା ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡିଛି। ଗତ ୮ତାରିଖରେ ମଧ୍ୟ ଭୁଣ୍ଡା ମଦ ପିଇବାକୁ ମା' ବସୁମତୀକୁ ଟଙ୍କା ମାଗିଥିଲା। ଟଙ୍କା ନାହିଁ ବୋଲି ମା' ବସୁମତୀ ମନା କରିବାରୁ ଭୁଣ୍ଡା ଉତ୍ତ୍ୟକ୍ତ ହୋଇ କାଠ ଫାଳିଆରେ ବସୁମତୀକୁ ନିସ୍ତୁକ ପିଟିଥିଲା। ଗୁରୁବାର ବସୁମତୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଖାନାରୁ ଭୁଣ୍ଡା ଫେରାର ହୋଇଯିବାରୁ ପଡିଶା ତାଙ୍କୁ ଘରକୁ



ନେଇଆସିଥିଲେ। ପଡିଶାଙ୍କ ଠାରୁ ଖବର ପାଇ ସାନପୁଅ ସହଦେବ ଘରକୁ ଆସି ମା'କୁ ଶନିବାର ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସହଦେବଙ୍କ ଏତଲାକୁ ଭିତ୍ତି କରି ଝୁମ୍ପୁରା ପୁଲିସ ୧୪୭/୨୪ ମାମଲା ରୁଜୁ ଘଟଣାର ତଦନ୍ତ କରୁଥିଲେ। ଆଜି ବିଭିନ୍ନ ସ୍ଥାନରେ ଚଢଉ କରୁଥିଲେ। ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଲିବନ୍ଧ ପଞ୍ଚାୟତ ପାଟକୁଳ- ଅଶୁକୀ ରାସ୍ତା ଅରଡେଇ ନଦୀ ନିକଟ ଜଙ୍ଗଲରୁ ଭୁଣ୍ଡାକୁ ପୁଲିସ କାବୁ କରି ଗିରଫ କରିଥିଲା। ମାଡ଼ ମାରିଥିବା କାଠ ଫଳିଆକୁ ପୁଲିସ ଜବତ କରିବା ସହିତ ଭୁଣ୍ଡାକୁ ସୋମବାର କୋର୍ଟଚାଲାଣ କରିଛି।

# ଶାନ୍ତି ବାର୍ତ୍ତା ନେଇ ବାଇକ୍‌ରେ ଲଦାଖ ଯାତ୍ରା

**ବଡ଼ବିଲ,୧୭।୬(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳର ଶ୍ରୀନିକେତନ ଅପର୍ଟମେଣ୍ଟରେ ରହୁଥିବା ସଞ୍ଜୟ ଶର୍ମା (୪୮) ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଶାନ୍ତିର ବାର୍ତ୍ତା ନେଇ ବାଇକ୍ ଯୋଗେ ଲେହ ଲଦାଖ ଯାତ୍ରା କରିଥିବା ଜଣାପଡିଛି। ସପ୍ତମ ଥରର ଏହି ଯାତ୍ରା ୩୦ ଦିନ ଧରି ଚାଲିବ। ବଡ଼ବିଲରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଝାଡ଼ଖଣ୍ଡର ରାଞ୍ଚିରୁ ବିହାର, ଉତ୍ତର ପ୍ରଦେଶର ଅଯୋଧ୍ୟା ଅତିକ୍ରମ କରି ଜାମ୍ମୁକାଶ୍ମୀର ହୋଇ ଲେହ ଲଦାଖ ପରିକ୍ରମା କରି ବଡ଼ବିଲ ଫେରିବାର କାର୍ଯ୍ୟକ୍ରମ ରହିଛି। ବଡ଼ବିଲ ବିକାଶ ମହଲ ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସର ସଦସ୍ୟ ଶୈଳେଶ କର୍ମାକର, ଅନୀଲ ସିଂହ, ରାହୁଲ ଗୁଣବନ୍ତ, ଗବ୍ରିଏଲ ମୁଣ୍ଡା, ସଦାମ ଯାଦବ, ସୀତାଂଶୁ ତ୍ରିପାଠୀ, କ୍ରିଷ୍ଣା ଶର୍ମା ଓ ସପନ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



# ପୋଖରୀରେ ବୁଡ଼ି ଶିଶୁ ମୃତ

● ରଜ ବୁଲିବାକୁ ମାମୁଁ ଘର ଆସିଥିଲା

**ହାଟଡ଼ିହୀ/ସୋସୋ,୧୭।୬(ସମିସ):** ପଢିଆରିପଲ୍ଲି ପଞ୍ଚାୟତ ଆତୁରକଣା ଗ୍ରାମରେ ପୋଖରୀରେ ବୁଡ଼ିଯିବାରୁ ଏକ ୩ ବର୍ଷୀୟ ଝିଅର ମୃତ୍ୟୁ ହୋଇଯାଇଛି। ରଜର ଶେଷଦିନରେ ନନ୍ଦିପଦା ଥାନା ଅନ୍ତର୍ଗତ ଯାବିନିପୁର ଗ୍ରାମର ଗୌରାଙ୍ଗ ନାୟକଙ୍କ ପତ୍ନୀ ଭାଗ୍ୟଶ୍ରୀ ତାଙ୍କର ଏକମାତ୍ର ୩ବର୍ଷୀୟା ନାବାଳିକା ଝିଅ ସୁଇଟିକୁ ନେଇ ବାପଘର ଆତୁରକଣା ଗ୍ରାମର ଅଭୟ ଭୋଇଙ୍କ ଘରକୁ ରଜ ବୁଲିବାକୁ ଯାଇଥିଲେ। ରବିବାର ଶେଷରଜ ଦିନ ସନ୍ଧ୍ୟା ସମୟରେ ମାଆ ଭାଗ୍ୟଶ୍ରୀ ନିଜ ଝିଅକୁ ଅଜା ପାଖରେ ଛାଡି କୌଣସି କାମରେ ବ୍ୟସ୍ତ ଥିବାବେଳେ ଶିଶୁକନ୍ୟାଟି ନିକଟସ୍ଥ ପୋଖରୀରେ ପଡ଼ି ପାଣିରେ ବୁଡିଯାଇଥଲା। ଝିଅଟିକୁ ଘର ଲୋକ ନପାଇ ଖୋଜାଖୋଜି କରିବାରୁ ସେ ପାଣିରେ ପଡ଼ିଥିବା ଦେଖାଯାଇଥିଲା। ପରେ ଶିଶୁଟିକୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲେ ସୁଦ୍ଧା ଡାକ୍ତର ମୃତ ଘୋଷଣା କରିଥିଲେ। ଏଭଳି ଏକ ଦୁଃଖଦ ଖବର ପାଇ ଦୁଇ ପରିବାରରେ ଶୋକର ଛାୟା ଖେଳିଯାଇଛି।

# ଯୁବକଙ୍କ ପରଲୋକ

**ସୋସୋ,୧୭।୬(ସମିସ):** ହାଟଡିହି ବ୍ଲକ ଅଣା ଗ୍ରାମର ବାବନ ମଲ୍ଲିକ(କାଠିଆ)ଙ୍କ ୫୫ ବର୍ଷ ବୟସରେ ପରଲୋକ ଘଟିଛି। କିଛିଦିନ ଧରି ବାବନଙ୍କର ଦେହ ଅସୁସ୍ଥ ହୋଇପଡିଥିବାରୁ ସେ କଟକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ଗତକାଲି ମୃତ୍ୟୁ ଘଟିଛି। ଆଜି ତାଙ୍କର ମରଶରୀର ଅଣା ଗ୍ରାମରେ ପହଁଚିବା ପରେ ଗ୍ରାମରେ ଶୋକାକୂଳ ପରିସ୍ଥିତି ସୃଷ୍ଟିହୋଇଥିଲା।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ସୋସୋ,୧୭।୬(ସମିସ):** ହାଟଡିହି ବ୍ଲକ ସୋସୋ ଗ୍ରାମର ନବଘନ ପହିଙ୍କ ପୁତ୍ର କୁନା ପହି(୪୫) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଖବରରୁ ଜଣାଯାଇଛି କୁନା ପହି ଘରୋଇ କଳିରୁ ବିଷ ପିଇ ଦେଇଥିଲେ। ଗୁରୁତର ହୋଇପଡିବାରୁ ତାଙ୍କୁ ଆଗରପଡା ପରେ ଭଦ୍ରକ ଓ ପରେ କଟକକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଦୁଇ ବଖରା ଘର ଜଳିଗଲା

**ସୋସୋ,୧୭।୬(ସମିସ):** ହାଟଡିହି ବ୍ଲକ ବଣିଆପଙ୍କ ଗ୍ରାମର ଶଙ୍କର୍ଷଣ ନାୟକଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳିଯିବା ସହିତ ଘରର ସମସ୍ତ ଆସବାବପତ୍ର ସହିତ ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଛି। ସର୍ଟସର୍କିଟିରୁ ଅଗ୍ନିକାଣ୍ଡ ଘଟି ଘର ଜଳିଯାଇଥିବା କୁହାଯାଉଛି। ଶଙ୍କର୍ଷଣ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

# ଘସିପୁରାରେ ବିଶ୍ୱ ପିତୃ ଦିବସ ପାଳିତ

**ଆନନ୍ଦପୁର,୧୭।୬(ସମିସ):** କଲ୍ୟାଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଘସିପୁରା ସରସ୍ୱତୀ ଶିଶୁମନ୍ଦିରରେ ବିଶ୍ୱ ପିତୃ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ମୁଖ୍ୟ ରତିକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ପ୍ରାଗଚୀ ଭଗବାନଲାଲ ପଢିଆରୀ, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର କୁମାର ସାହୁ, ବରିଷ୍ଠ ନାଗରିକ ନନ୍ଦକିଶୋର ସାହୁ, ମୁକୁନ୍ଦଦେବ ସାହୁ, ଶିକ୍ଷକ ଉପେନ୍ଦ୍ରନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବୃଦ୍ଧାଶ୍ରମ ବାପା ମା'ଙ୍କ ଶେଷ ଠିକଣା ନହେଉ ବୋଲି ମତବ୍ୟକ୍ତ କରିଥିଲେ। ପରିବାର ପ୍ରତି ବାପାଙ୍କ ତ୍ୟାଗ ଅତୁଳନୀୟ। ପିଲାମାନେ ଏହାକୁ ବୁଝି ପିତାମାତାଙ୍କ ପ୍ରତି ଅବହେଳା ପ୍ରଦର୍ଶନ ନକରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ସାହୁ, ଦିବ୍ୟରଞ୍ଜନ ସାହୁ ଉପସ୍ଥିତ ରହି ଅତିଥିମାନଙ୍କୁ ଫୁଲଚନ୍ଦନ ଓ ଉପଢୌକନ ପ୍ରଦାନ କରିଥିଲେ।

# ମହିଳା ଚେସ୍‌ରେ ଯାସିତା ଚାମ୍ପିଅନ

**ସୋସୋ,୧୭।୬(ସମିସ):** ନିଖିଳ ଓଡିଶା ଚେସ୍ ସଙ୍ଘ ଓ ଓଡିଶା ସରକାରଙ୍କର କ୍ରୀଡା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହିଳା ଚେସ୍ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ହାଟଡିହି ଗ୍ରାମର ହଳଧର ରାଉତଙ୍କ ଝିଅ ଯାସିତା ରାଉତ ଚାମ୍ପିଅନ ହୋଇଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଇଛନ୍ତି।




## ଗାଁରେ ରଜ ମଉଜ ଉଦ୍‌ଯାପିତ

# ରଜଦୋଳି ଗୀତରେ ଝୁମିଲେ ଗ୍ରାମବାସୀ



**ନାରଦପୁର,୧୭।୬(ସମିସ):** ଓଡିଶାର ଗଣପର୍ବ ରଜ। ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଲୋକେ ଏହାକୁ ଖୁବ ଆନନ୍ଦ ଉତ୍ସବରେ ମନାଇଥାନ୍ତି। ତେବେ ଚମ୍ପୁଆ ଉପଖଣ୍ଡର ବିଭିନ୍ନ ଗ୍ରାମରେ ରଜ ମଉଜ ଖୁବ ଜାକଜକମରେ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ଉତ୍ସବରେ ଘରେ ଘରେ ପିଠାପଣା କରିବା ସହିତ ନୂତନ ବସ୍ତ୍ର ପରିଧାନ କରି ଗାଁ ତୋଟାରେ କରାଯାଇଥିବା ରଜଦୋଳି ଖେଳିବାକୁ ଯାଇଥିବା ଦେଖାଯାଇଥିଲା। ଏହି ରଜ ଉତ୍ସବରେ ନାରଦପୁର, ଆଙ୍ଗୁଲିଆ, ଗିରିଧାରୀପୁର, ସରାସପଶି, ରିମୁଳି ଓ ରଘୁଆଳସାହି ଠାରେ ବିଭିନ୍ନ ପ୍ରକାର ଦୋଳି ଛୁଆଙ୍କଠୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ଝିଅବୋହୂ ମାନେ ଦୋଳି ଖେଳିବା ସହିତ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯିବା ସହିତ ଲୋକେ ରଜଦୋଳି ଗୀତରେ ଝୁମିଯାଇଥିଲେ। ବିଭିନ୍ନ ଗ୍ରାମରେ ରଜ କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଓ ଝୁମର ଇତ୍ୟାଦି ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା।

# ସରିଲା ରଜ; ବସୁମତୀଙ୍କୁ ପୂଜିଲେ ଗୃହିଣୀ

**ରାମଚନ୍ଦ୍ରପୁର,୧୭।୬(ସମିସ):** ବଡ଼ଆନନ୍ଦ ଉଲ୍ଲାସର ସହ ଓଡ଼ିଶାର ଗଣପର୍ବ ରଜ ସମାପନ ହୋଇଛି। ରଜ ଉତ୍ସବର ପରଦିନକୁ ବସୁମତୀ ସ୍ନାନ ବୋଲି କୁହାଯାଏ। ଏହାକୁ ଧରାସ୍ନାନ, ମହାଲକ୍ଷ୍ମୀ ଗାଧୁଆ, ଶୁଦ୍ଧ ସ୍ନାନ ବୋଲି ମଧ୍ୟ କେହି କହିଥାନ୍ତି। ଓଡ଼ିଆ ପରମ୍ପରାରେ ଏହି ଦିନ ମା' ଧରିତ୍ରୀ ତଥା ବସୁଧାମାତାଙ୍କ ପୂଜା କରିବାର ବିଧି ରହିଛି। ଏହି ଦିନରେ ଘରର ମହିଳାମାନେ ପ୍ରାତଃ କାଳରେ ସ୍ନାନ ପର୍ବ ସାରି ବୃନ୍ଦାବତୀଙ୍କ ନିକଟରେ ପିଢ଼ା ଉପରେ ଶିଳପୁଆ ଥୋଇ କଜଳପାତି, ଲଙ୍ଗଳ ଲୁହା, ହଳଦୀଲଗା କପଡା ଆଦି ରଖି ବସୁମତୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହି ଅବସରରେ ହଳଦୀପାଣିରେ ବସୁମାତାଙ୍କୁ ଗାଧୋଇ ଦିଆଯିବା ସହ ଧୂପ ଦୀପ, ଚନ୍ଦନ, ସିନ୍ଦୁର ସହ ଫଳ ଭୋଗ ଲାଗି କରାଯାଇଛି। ବିଶ୍ୱାସ ଅଛି ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି। ବସୁମାତା ରଜସ୍ୱଳା ହୋଇ ଶୁଦ୍ଧ ସ୍ନାନ କରିବା ପରେ ସୃଜନ କ୍ଷମତାଶୀଳା ବା ଶସ୍ୟ ବୀଜ ଧାରଣକାରିଣୀ ହୋଇଥାନ୍ତି। ଏହି ପରମ୍ପରା ଓଡିଶାର ପୁରପଲ୍ଲୀରେ ପାଳିତ ହୋଇଆସୁଥିବା ବେଳେ ଘସିପୁରା ବ୍ଲକ ଅଳତି ଗ୍ରାମର ମହିଳା ମାନେ ଏଥିରୁ ବାଦ ପଡି ନାହାଁନ୍ତି।



## ଦିନରେ ଗୁଳୁଗୁଳି, ରାତିରେ ବିଜୁଳିକାଟ୍

# ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି ଟାଟାପାୱାର୍

ହାଟଡିହୀ/ତୁରୁମୁଙ୍ଗା,୧୭।୬(ସମିସ)

ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରତାପ ସକାଶେ ଅସହ୍ୟ ଗୁଳିଗୁଳି ସାଙ୍ଗକୁ ରାତିରେ ବାରମ୍ବାର ବିଜୁଳିକାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିବାରେ ଲାଗିଛି। ସରିଲାଣି ରଜ ପଶିଲାଣି ଆଷାଢ଼ ମାସ। ତଥାପି ମୌସୁମୀ ନିଷ୍କ୍ରିୟ ଥିବାରୁ ଦିନବେଳା ତାପମାତ୍ରା ଠାରୁ ଗୁଳିଗୁଳିର ପ୍ରକୋପ ଅତ୍ୟଧିକ ହେତୁ ନା ଘରେ ରହିହେଉଛି ନା ବାହାରେ ବୁଲିହେଉଛି। ଏପରିସ୍ଥଳେ ଟାଟାପାୱାର ପକ୍ଷରୁ ରାତିବେଳା ଅଘୋଷିତ ବାରମ୍ବାର ବିଦ୍ୟୁତ୍ କାଟୁଥିବାରୁ ଛୋଟ ଛୁଆ ଠାରୁ ଆରମ୍ଭ କରି ବଡ଼ ଲୋକମାନେ ମଧ୍ୟ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ଅନେକ ଦିନ ହେବ ଦିନବେଳା ବିଜୁଳି କାଟ ହେଉଥିବା ବେଳେ ବିଦ୍ୟୁତ ବିଭାଗର ଏହା ଅଭ୍ୟାସରେ ପରିଣତ ହୋଇ ଏବେ ରାତିରେ ମନଇଚ୍ଛା ବିଜୁଳିକାଟ କରୁଛନ୍ତି। ଏନେଇ ହାଟଡ଼ିହୀ ଅଞ୍ଚଳର ଅନେକ ବିଦ୍ୟୁତ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କ୍ରମାଗତ ଭାବେ ଏପରି ଚାଲିଲେ ଆଗକୁ ଏହା ଉଗ୍ରରୂପ ନେବ ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସବ୍‌ଷ୍ଟେସନ ଅଞ୍ଚଳରେ ବାରମ୍ବାର ବିଜୁଳି କାଟ ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗୋଟେ ପରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ଅନ୍ୟ ପଟେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରୁମୁଙ୍ଗା ସବ୍‌ଷ୍ଟେସନ୍ ଅଞ୍ଚଳରେ ଆଜିକୁ ୪ରୁ ୫ ଦିନ ହେବ ବିଜୁଳି କାଟ ସମସ୍ୟାକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଲେଣି। ବିଜୁଳି କଟିଯିବା ପରେ ଲୋକମାନେ ଗଛ ତଳେ ବସି ସମୟ କାଟୁଥିବା ଦେଖିବାକୁ ମିଳୁଛି। ଏନେଇ ତୁରୁମୁଙ୍ଗା ଟାଟାପାୱାରର କନିଷ୍ଠ ଯନ୍ତ୍ରୀ ଉମେଶ ଭୂୟାଁଙ୍କୁ ପଚାରିବାରୁ ସେ ବିଭିନ୍ନ ବିଦ୍ୟୁତ ସମସ୍ୟା ହେଉଥିବା କହି ଘଟଣାକୁ ଫାଙ୍କି ଦେଉଛନ୍ତି। ୩ ଦିନ ହେବ ରଜ ପର୍ବ ପାଇଁ ବିଭିନ୍ନ ଗ୍ରାମରେ ବନ୍ଧୁ ବାନ୍ଧବଙ୍କ ଆଗମନ ହୋଇଥିଲା। ହେଲେ ବିଦ୍ୟୁତ କାଟ ଯୋଗୁଁ ଲୋକଙ୍କ ଘରୁ ବନ୍ଧୁବାନ୍ଧବ ମଧ୍ୟ ପଳାଇ ଥିବା ଦେଖିବା କୁ ମିଳିଛି। ଏ ଅଞ୍ଚଳରେ ବିଦ୍ୟୁତ କାଟ ସମସ୍ୟା ଯୋଗୁଁ ନାନା ଅସନ୍ତୋଷ ଦେଖାଦେଇଛି। ଉପଭୋକ୍ତା ଟାଟା ପାୱାର କଷ୍ଟମର କେୟାର ନମ୍ବରକୁ ଫୋନ କରି ଅଭିଯୋଗ କଲେ ଫୋନରେ ଲାଇନ କାଟି ଦେବାକୁ କର୍ତ୍ତୃପକ୍ଷ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଖୁବ ଶୀଘ୍ର ବିଦ୍ୟୁତ ସମସ୍ୟାର ସମାଧାନ ନହେଲେ ଉପଭକ୍ତା ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟିଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଉପଭୋକ୍ତା ମହଲରେ ଦାବି ହୋଇଛି।

## କ୍ରୀଡ଼ାବିତ୍ ହମିଦଙ୍କ ପରଲୋକ



**ବନ୍ତ/ଆଗରପଡ଼ା,୧୭।୬(ସମିସ):** ଆଗରପଡ଼ା ଅଞ୍ଚଳର ଜଣାଶୁଣା କ୍ରୀଡ଼ାବିତ୍ ଶେଖ୍ ଅବଦୁଲ ହମିଦଙ୍କ ୬୪ ବର୍ଷ ବୟସରେ ଦେହାନ୍ତ ଘଟିଛି। ସୋମବାର ପବିତ୍ର ଇଦ୍-ଉଲ୍-ଜୁହା ପର୍ବରେ ହଠାତ୍ ହମିଦ୍‌ଙ୍କ ପରି ଜଣେ ଜଣାଶୁଣା କ୍ରୀଡ଼ାବିତ୍‌ଙ୍କ ଦେହାନ୍ତ ଖବର ସମସ୍ତଙ୍କୁ ଦୁଃଖ ଦେଇଛି। ସେ କିଛି ଦିନ ହେଲା ଅସୁସ୍ଥ ହୋଇପଡ଼ି ଘରେ ଚିକିତ୍ସିତ ହେଉଥିଲେ। ଦେହାନ୍ତ ବେଳକୁ ତାଙ୍କ ନିକଟରେ ପତ୍ନୀ, ୨ ଝିଅ ଓ ପୁଅଙ୍କ ସମେତ ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ କବର ଦିଆଯାଇଥିଲା। ତାଙ୍କର ଦେହାନ୍ତ ଖବର ପାଇ .ରିଘରିଆ ବାସଭବନକୁ ଯାଇ କ୍ରୀଡ଼ାବିତ ବିଜୟ ମହାନ୍ତି, ସାମ୍ବାଦିକ ଅକ୍ଷୟ ସିଂହ, ବିନୋଦ ଧଳସାମନ୍ତ, ମନୋଜ ବେହେରା, ବାବୁନି ମହାନ୍ତି, ରାଜୁ ଦାସ, ଶେଖ ସଲିମ୍, ମୁନ୍ନା ଖାଁ, ଶେଖ ଜମୀର ହୁସେନ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ହମିଦ୍ ଆଗରପଡ଼ା ୟୁଥ୍ କ୍ଲବ ପକ୍ଷରୁ କ୍ରିକେଟ, ଫୁଟବଲ ଓ ଭଲିବଲ ଖେଳାଳୀ ଭାବେ ନିଜର ପାରଙ୍ଗମତା ପ୍ରଦର୍ଶନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବିଶିଷ୍ଟ କ୍ରୀଡ଼ାବିତ ବାବୁଲି ରାଉତ, ରଣେନ୍ଦ୍ର ପ୍ରତାପ ମହାନ୍ତି, ରବି ପୁହାଣ, ଦିଲ୍ଲୀପ ଦାସ, ଭଗବାନ ସାହୁ, ଶେଖ ମହମ୍ମଦ ଅଲ୍ଲୀ, ଶେଖ ସେର ଅଲ୍ଲୀ, ରମା ମହାନ୍ତି ପ୍ରମୁଖ ହମିଦ୍‌ଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକଟ କରିଛନ୍ତି। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ



**ଆରଡ଼ି,୧୭।୬(ସମିସ):** ଭଦ୍ରକ ଜିଲ୍ଲା ଆରଡ଼ିପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ କିଟ୍, କିସ୍ ପରିବାର ତରଫରୁ ୧୧ତମ ଆର୍ଟ ଅଫ ଗିଭିଂ ଦିବସ ପାଳନ କରାଯାଇଛି। ଶିକ୍ଷାକେନ୍ଦ୍ରର ପରିଚାଳନା ସଦସ୍ୟ ଉପସ୍ଥିତ ରହି ଆର୍ଟ ଅଫ ଗିଭିଂର ଉଦେଶ୍ୟ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ବିଜୟକୁମାର ଦାଶ ଏହି କାର୍ଯ୍ୟକ୍ରମକୁ ପ୍ରଶଂଶା କରିଥିଲେ। ଡ. ଅଚ୍ୟୁତ ସାମନ୍ତଙ୍କ ମହାନ କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ। ଏହି ସଂସ୍ଥା ପକ୍ଷରୁ ସୁନ୍ଦରପୁର, ଓଳଗ, ନାନ୍ଦପୁର, ଆରଡ଼ି ୪ଟି ପଞ୍ଚାୟତରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ବିତରଣ ଉତ୍ସବରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଭାପତି ତ୍ରିଲୋଚନ ପଣ୍ଡା, ଶିକ୍ଷକ ଜଗବନ୍ଧୁ ବାରିକଙ୍କ ସହ ଆର୍ଟ ଅଫ ଗିଭିଙ୍ଗର ସଦସ୍ୟ ଉପସ୍ଥିତ ଥିଲେ।

### ଭଦ୍ରକରେ ଇଦ୍-ଉଲ-ଜୁହା ପାଳିତ

# ମସ୍‌ଜିଦ ଓ ଇଦ୍‌ଗା ମଇଦାନରେ ସମବେତ ପ୍ରାର୍ଥନା

ଭଦ୍ରକ,୧୭।୬(ସମିସ)





ତ୍ୟାଗ ଓ ବଳିଦାନର ପର୍ବ ହେଉଛି ଇଦ-ଉଲ-ଜୁହା। ଏହି ପର୍ବକୁ ଧୂମଧାମରେ ପାଳନ କରିଛନ୍ତି ଭଦ୍ରକବାସୀ। ହଜାର ହଜାର ଶ୍ରଦ୍ଧାଳୁ ଇଦ୍‌ଗା ମଇଦାନରେ ପହଞ୍ଚି ଅତି ଶୃଙ୍ଖଳିତ ଭାବେ ସକାଳ ୯ ଘଟିକା ସମୟରେ ନମାଜ ପାଠ କରିଥିଲେ। ସେହିପରି ଜାମା ମସଜିଦଠାରେ ସକାଳ ୮.୪୫ ମିନିଟ ସମୟରେ ସମବେତ ନମାଜ ପାଠ ସହ ଛଡ଼ାକମହଲ୍ଲା, କାଜିମହଲ୍ଲା, ବଡ଼/ସାନ ଶଙ୍କରପୁର, ଅଲାଲପୁର, ମିର୍ଜାପୁର, ଦୁର୍ଗାପୁର, ସେକସାହି, କଣ୍ଟାବଣିଆ, ନଙ୍ଗାମହଲ୍ଲା, ହଜାରୀ ନଗର, ସାହାପୁର, ଏଲଖାର, ଚରମ୍ପା, ବାଇପାସର ନୂଆ ମସଜିଦ ପ୍ରମୁଖ ମସଜିଦରେ ସକାଳ ୭ରୁ ୯.୩୦ମିନିଟ ପର୍ଯ୍ୟନ୍ତ ନମାଜ ପାଠ କରାଯାଇଥିଲା। ଭଦ୍ରକ ମୁସଲିମ ଜମାତର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ, ଉପସଭାପତି ମହମ୍ମଦ ଜକାଉଲ୍ଲା, ସଂପାଦକ ହାଜୀ ଅବଦୁଲ ମୁକିତ୍ ଖାନ, ସଂପାଦକ ଶେଖ ସିରାଜୁଦ୍ଦିନ ପ୍ରମୁଖ ଇଦ୍‌ଗା ମଇଦାନରେ ଉପସ୍ଥିତ ରହିଥିଲେ। ଭଦ୍ରକ ମୁସଲିମ ଜମାତର ସାଧାରଣ ସଂପାଦକ ହାଜୀ ଶେଖ ଇନାମ ମହମ୍ମଦ, ଜାମା ମସଜିଦର ସଭାପତି ହାଜୀ ଅବଦୁଲ କାଶିମ, ସଂପାଦକ ଶେଖ ହଫିଜୁଲ୍ଲା ପ୍ରମୁଖ ଜାମା ମସଜିଦରେ ଉପସ୍ଥିତ ରହିଥିଲେ। ତେବେ ଆଜିର ଏହି ପବିତ୍ର ପର୍ବ ଅବସରରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଯୁବନେତା ଅସିତ ପଟ୍ଟନାୟକ, ନଳିନୀ ମହାନ୍ତି, ଶେଖର ମହାପାତ୍ର, ଜଗନ୍ନାଥ ସ୍ୱାଇଁ ଓ ଅତିସ ବେହେରା, ସନିଆ ନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଆଇବି ଡିଏସପି ପ୍ରଭାତ ବିଶ୍ୱାଳ ଏବଂ ପୁରୁଣାବଜାର ଥାନା ଅଧିକାରୀ ନିରୋଜ କୁମାର ସାମଲ ଓ ଟାଉନ ଥାନା ଅଧିକାରୀ ବିରେନ୍ଦ୍ର ସେନାପତି ଉପସ୍ଥିତ ରହିଥିଲେ।

## ଧାମନଗରରେ ପବିତ୍ର ବକ୍‌ରିଦ ପର୍ବ ପାଳିତ





**ଧାମନଗର,୧୭।୬(ସମିସ):** ଧାମନଗର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ-ଜୁହା (ବକ୍‌ରିଦ) ମହାଆଡମ୍ବରରେ ପାଳନ କରାଯାଇଛି। ମୁସଲମାନ ସମ୍ପ୍ରଦାୟର ଏହି ପର୍ବ ତିନିଦିନି ବ୍ୟାପି ପାଳନ ହେଉଥିବା ବେଳେ ପ୍ରଥମ ଦିନ ସକାଳ ୮ଟା ସମୟରେ ଧାମନଗର ସ୍ଥିତ ଇଦ୍‌ଗା ମଇଦାନ ଠାରେ ସମୂହ ନମାଜ ପାଠ ସହ ବିଭିନ୍ନ ସାହି, ବସ୍ତିରେ ଥିବା ମସଜିଦରେ ନମାଜ ପାଠ କରାଯାଇଛି। ଏହି ଅବସରରେ ଧାମନଗର ଖାନକା ସରିଫର ମତଓଲି ବାବା ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବି ଇଦ୍‌ଗା ମଇଦାନ ଠାରେ ହଜାର ହଜାର ମୁସଲମାନ ଭାଇମାନଙ୍କୁ ସମୂହ ନମାଜ ପାଠ କରାଇଛନ୍ତି। ସେହିପରି ଦୋବଲ, ମୁସ୍ତଫାପୁର, ପିତେଇପୁର, ବୟାଙ୍ଗଡିହି, ନଦୀଗାଁ, ପନ୍ଦରବାଟିଆ, ଚୁଡାକୁଟି ଆଦି ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ଓ ବ୍ଲକ ପୁଲିସ ପ୍ରଶାସନ ପକ୍ଷରୁ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାସୁଦେବ ସ୍ୱାଇଁ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଥାନା ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ, ଆଗରପଡା ଆଇଆଇସି ଅମିତ ଭୂୟାଁ, ଭଣ୍ଡାରିପୋଖରୀ ଆଇଆଇସି ଅଜୟ କୁମାର ବାଗେ, ଧୂଷୁରୀ ଥାନା ଆଇଆଇସି, ଧାମନଗର ବିଡିଓ ବନବିହାରି ଦିନ୍ଦା, ତହସିଲଦାର ଦୀପକ କୁମାର ଦାସ, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ନିୟୋଜିତ ହୋଇଛନ୍ତି। ସେହିପରି ଧାମନଗର ଆଇଆଇସିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସାହି ବସ୍ତି ଓ ଛକ ବଜାର ମାନଙ୍କରେ ୪ ପ୍ଲାଟୁନ ଫୋର୍ସ ମୁତୟନ ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଏହି ପର୍ବ ଅବସରରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ସମାଜସେବୀ ଡାକ୍ତର ସଞ୍ଜୟ କୁମାର ଦାସ, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବଳା ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧକ୍ଷା ନିବେଦିତା ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡି ନେତା ଉମେଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ରାଉତ, ବିଜେପି ନେତା କୈଳାସ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ମହାନ୍ତି, ବୀରେନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ପ୍ରସନ୍ନ ଧଳଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତି ମୁସଲମାନ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ରଜ ପର୍ବରେ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

## ବାଲେଶ୍ୱରକୁ ହରାଇ ବାରିପଦା ଏକାଦଶ ଚାମ୍ପିଅନ

**ବାସୁଦେବପୁର,୧୭।୬(ସମିସ):** ବାସୁଦେବପୁର ପୌରପାଳିକାର ୧୧ ନମ୍ବର ୱାର୍ଡ ସ୍ଥିତ ରଜପଦାରେ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପର୍ବକୁ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ବେଶ ଆନନ୍ଦ ଉଲ୍ଲାସର ସହ ପାଳନ କରା ଯାଇଥିବା ବେଳେ କ୍ଲବ ପକ୍ଷରୁ ଦୀର୍ଘ ବର୍ଷରୁ ଚାଲି ଆସୁଥିବା କବାଡି ପ୍ରତିଯୋଗିତା ଚଳିତବର୍ଷ ଧୁମଧାମରେ ପାଳିତ ହୋଇଯାଇଛି। ଏହି ପ୍ରତିଯୋଗିତା ତିନିଦିନ ଧରି ଚାଲିଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ବଛାବଛା କବାଡି ଦଳ ଭାଗ ନେଇଛନ୍ତି। ଶେଷ ରଜ ସନ୍ଧ୍ୟାରେ ମୟୂରଭଞ୍ଜର ବାରିପଦା ଏକାଦଶ ଓ ବାଲେଶ୍ୱର ଇଲେଭେନ ଦୁଇ ପ୍ରତିଦ୍ୱନ୍ଦି ମଧ୍ୟରେ ଚିତ୍ତାକର୍ଷକ ଭାବେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ବାଲେଶ୍ୱର ଇଲେଭେନକୁ ହରାଇ ମୟୂରଭଞ୍ଜ ଏକାଦଶ ଚଳିତ ବର୍ଷ ଜଗନ୍ନାଥ ଟ୍ରଫି ଜିଣି ନେଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହେବା ସହିତ ଉତ୍ସାହିତ କରିଥିଲେ।

## ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ

**ବାସୁଦେବପୁର,୧୭।୬(ସମିସ):** ବାସୁଦେବପୁର ପୌରପାଳିକାର ୧୩ ନମ୍ବର ୱାର୍ଡ ସ୍ଥିତ ନିୟୁଇଣ୍ଡିଆ ସାହି ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଶେଷ ଦିନରେ ରଙ୍ଗାରଙ୍ଗ ସନ୍ଧ୍ୟାର ଆୟୋଜିତ ସଭା ଅନୁଷ୍ଠିତ ହୋଇଥିଲା। କବି ରଂଜନ କୁମାର ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, କଂଗ୍ରେସର ବରିଷ୍ଠ କର୍ମୀ ବିଜୟ କୁମାର ମହାନ୍ତି, ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ରଜ ମହୋତ୍ସବ କମିଟିର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଦୀର୍ଘ ୯ ବର୍ଷ ଧରି ଏହି ଅନୁଷ୍ଠାନ ଓଡିଆ ସଂସ୍କୃତି ପରମ୍ପରାକୁ ବଜାଇ ରଖିବା ପାଇଁ ଯେଉଁ ପ୍ରୟାସ କରିଛନ୍ତି ତାହା ସଭିଙ୍କ ପାଇଁ ଏକ ପ୍ରେରନାର ଉତ୍ସ ବୋଲି ବିଧାୟକ ଶ୍ରୀ ଦାସ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ବାସୁଦେବପୁର ବ୍ଲକର ଚଳିତ ମାଟ୍ରିକ ପରୀକ୍ଷାରେ ଯୁଗ୍ମ ଭାବେ ଟପ୍ପର ହୋଇଥିବା ଇରମ ହାଇସ୍କୁଲର ଛାତ୍ରୀ ଓ ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଓମକାର ସାମଲ ଦୁଇ ମେଧାବୀ ଛାତ୍ର ଛାତ୍ରୀଙ୍କୁ ବିଧାୟକ ଶ୍ରୀ ଦାସ ପୁରସ୍କାର ସହିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିସହିତ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ଅତିଥିମାନେ ମାନପତ୍ର ସହିତ ସମ୍ବର୍ଦ୍ଧନା କରିଥିଲେ। ସଭାକାର୍ଯ୍ୟ ପରେ ଅନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ସୁବାସ ଚନ୍ଦ୍ର ମହାନ୍ତି, ସ୍ମୃତି ସୌରଭ ମହାନ୍ତି, ପ୍ରତିରୂପ ମହାନ୍ତି, ହିମାଂଶୁ ପାଣିଗ୍ରାହୀ, ରଞ୍ଜନ ମହାନ୍ତି, ଶୁଭ ସଂକେତ ମହାନ୍ତି, ସୁବ୍ରତ ମହାନ୍ତି, ବ୍ଲେସନ ମହାନ୍ତି, ତପନ ବେହେରା, ପ୍ରକାଶ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ମହାନ୍ତି, ସରୋଜ ବାରିକ, ସୁଦର୍ଶନ ଦାସ, ଆଶୁତୋଷ ମହାନ୍ତି, ସାଇନା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଫଳ ପରିଚାଳନା କରିଥିଲେ।

## ନବ ନିର୍ବାଚିତ ସାଂସଦଙ୍କୁ ଶୁଭେଚ୍ଛା

**ବାରିକପୁର,୧୭।୬(ସମିସ):** ଭଦ୍ରକ ଲୋକସଭା କ୍ଷେତ୍ରର ନବ ନିର୍ବାଚିତ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ବିଜେପି ଅନୁସୂଚିତ ଜାତି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଜିଲ୍ଲା ଏସି ମୋର୍ଚ୍ଚା ଉପ ସଭାପତି ସୁରେଶ ଦାସଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟ ମାନେ ଭଦ୍ରକ ସ୍ଥିତ ବାସଭବନରେ ପହଞ୍ଚି ଶ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହାଛଡା ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ସାଂସଦଙ୍କୁ ଅବଗତ କରାଯାଇଛି। ଏଥିରେ ସୁବର୍ଣ୍ଣ ମୂଖୀ ମଣ୍ଡଳ ଯୁବ ସଭାପତି ମିହିର ନାୟକଙ୍କ ସମେତ ଅନ୍ୟାନ୍ୟ ଯୁବକର୍ମୀ ମାନେ ଉପସ୍ଥିତ ଥିଲେ।

## ଆଗରପଡ଼ା ରଜ ମହୋତ୍ସବ



**ବନ୍ତ/ଆଗରପଡ଼ା,୧୭।୬(ସମିସ):** ସ୍ଥାନୀୟ ଆଗରପଡ଼ା ଟିକିରା ବରଗଛ ପଡ଼ିଆ ଓ ପୁରୁଷଣ୍ଡ ରାମଗଡ଼ପଦା ପଡ଼ିଆରେ ରଜ ମହୋତ୍ସବ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ସହ ସଭା ସମିତିମାନ ଅନୁଷ୍ଠିତ ହୋଇଯାଇଛି। ଟିକିରାରେ ମହୋତ୍ସବ କମିଟି ସଭାପତି ମନ୍ମଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଗୋପିନାଥପୁର ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, ସାମ୍ବାଦିକ ବିଶ୍ୱରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପୁରୁଷଣ୍ଡରେ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବିଜେଡ଼ି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବସଭାପତି ସତ୍ୟସାଧନ ବେଜ, ସମିତିସଭ୍ୟା ସୁଶୀଳା ଜେନା, ସରପଞ୍ଚ ପ୍ରକାଶ ବିଶ୍ୱାଳ, କମିଟି ସଭାପତି ପରେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ମଙ୍ଗଳା ଯୁବକ ସଂଘର ରଜ ମହୋତ୍ସବ



**ବାରିକପୁର,୧୭।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଶୋଳ ପରିଡ଼ା ସାହି ଠାରେ ମା'ମଙ୍ଗଳା ଯୁବକ ସଂଘ ପକ୍ଷରୁ ତିନିଦିନ ବ୍ୟାପୀ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ରାତିରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଓ ମୁଖ୍ୟ ବକ୍ତା ଭାବେ 'ଅଞ୍ଜଳି' ପତ୍ରିକାର ସମ୍ପାଦକ ପ୍ରକାଶ ମହାପାତ୍ର ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବସନ୍ତ କୁମାର ରାଉତ, ପ୍ରଦୀପ ସାହୁ, ସଞ୍ଜୟ ପଣ୍ଡା, ପ୍ରଦ୍ୟୁମ୍ନ ସେନାପତି, ସୁଶାନ୍ତ ମହାପାତ୍ର, ଗୋଲକ ଚନ୍ଦ୍ର ବେହେରା, ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାହୁଲ ସେଠୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉଦ୍‌ଯାପନ ଉତ୍ସବରେ ପୁଚି, ବାସ୍କେଟବଲ, ମ୍ୟୁଜିକ ଚେୟାର, କବାଡି କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନ କରିଥିବା ସେବତୀ ବାରିକ, ଆଦର୍ଶ ସାହୁ, ସୁନିତା ପରିଡ଼ା, ବର୍ଷାରାଣୀ ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ପ୍ରମୋଦ କୁମାର ପରିଡ଼ା, ସମ୍ପାଦକ କୃଷ୍ଣଚନ୍ଦ୍ର ପରିଡ଼ା ଓ ପ୍ରଶାନ୍ତ ପରିଡ଼ା, ବ୍ରଜବନ୍ଧୁ ପରିଡ଼ା, ପ୍ରଦୀପ ସେଠୀ, ଅଜୟ ସାହୁ, ଭଗବାନ ବାରିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନେ ଏହି ଉତ୍ସବ ପରିଚାଳନା କରିଥିଲେ।

### ଆମ ଗାଁ ରଜ ମହୋତ୍ସବ ଉଦଯାପିତ

# ମନମୋହିଲା ନୃତ୍ୟ, ସଙ୍ଗୀତ, ଅଭିନୟ

ଧାମନଗର,୧୭।୬(ସମିସ)



ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଞ୍ଚାୟତ ଅଧିନସ୍ଥ ସରପୁର ଠାରେ ଆୟୋଜିତ ଆମ ଗାଁ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଓଡିଆ ଜାତିର ନିଜସ୍ୱ ଗଣପର୍ବ ରଜ ପାଇଁ ଆୟୋଜକ ସର୍ବେଶ୍ୱର ଯୁବକ ସଂଘ ପକ୍ଷରୁ ପାରମ୍ପରିକ ବିବିଧ ପ୍ରତିଯୋଗିତା ଯଥା କବାଡ଼ି, ପୁଚି, ତାସ୍, ହାଣ୍ଡି ଭଙ୍ଗା, ଝୋଟି, ମୁରୁଜ, ମେହେନ୍ଦି, ପାନ ଭାଙ୍ଗିବା, ଦୌଡ଼ ଖେଳ ଉଭୟ ପୁରୁଷ ଓ ମହିଳା ବର୍ଗ ମଧ୍ୟରେ କରାଯାଇଥିଲା। ଏଥି ସହିତ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ପ୍ରତିଭାବାନ କଳାକାର ମାନଙ୍କୁ ନେଇ ନୃତ୍ୟ ସଙ୍ଗୀତ ଏବଂ ଅଭିନୟ ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା ବେଳେ ଏହା ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲା। ଧାମନଗର ପ୍ରେସ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବନେତା ତୁଷାର ମିଶ୍ର, ଯୁବ ସମାଜସେବୀ ଭେଷଜବିତ ଜୟପ୍ରକାଶ ନାରାୟଣ ମହାନ୍ତି ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ରୂପେ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ପ୍ରତିଭାର ପରିପ୍ରକାଶ ପାଇଁ ଆମ ଗାଁ ରଜ ମହୋତ୍ସବ ଭୂମିକାକୁ ପ୍ରଶଂଶା କରିଥିଲେ। ତପନ ସାହୁ, ବିଜୁ ପାଲ, ପୂର୍ଣ୍ଣଚନ୍ଦ୍ର ପୋଥାଳ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଏବଂ ମହାପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ରଜ ମହୋତ୍ସବ କମିଟିର ସଭାପତି ଦେବାଶିଷ ସାହୁ ଅଭିମୁଖ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବେଶ୍ୱର ଯୁବକ ସଂଘ ଦ୍ୱାରା ଆୟୋଜିତ ଉତ୍ସବକୁ ସତ୍ୟଜିତ ସାହୁ, ଦିବାକର ସାହୁ, ପ୍ରେମାନନ୍ଦ ସୂତାର, ଲିପନ ସୂତାର, ରଶ୍ମିରଞ୍ଜନ ସାହୁ, ଋତୁରାଜ ସାହୁ, ସୁବ୍ରତ ସାହୁ, ଚନ୍ଦନ ସାହୁ, ରଞ୍ଜିତ ପତି,ଅଜିତ ପାଣିଗ୍ରାହୀ, ସୁବ୍ରତ ସାହୁ, ରାଜେଶ ସାହୁ, ରାକେଶ ସାହୁ, ଜ୍ୟୋତିରଞ୍ଜନ ସାହୁ, ବିଶ୍ୱଜିତ ସାହୁ, ସତ୍ୟବ୍ରତ ସାହୁ, ପ୍ରିୟବ୍ରତ ସାହୁ, ଗୋପାଳ ସାହୁ, ଦେବାନନ୍ଦ ସୁତାର ପ୍ରମୂଖ ପରିଚାଳନା କରିଥିଲେ।

## ମହାଦେବ ମନ୍ଦିର ରତ୍ନମୁଦ ପୂଜନ ଉତ୍ସବ



**ବାରିକପୁର,୧୭।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ପୁରସ୍ତମପୁର ଠାରେ ପରମେଶ୍ୱର ମହାଦେବ ମନ୍ଦିର ପୂର୍ଣ୍ଣାଙ୍ଗ ନିର୍ମାଣ କାର୍ଯ୍ୟ ପାଇଁ ଆଜି ରତ୍ନମୁଦ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଶୁଶାନ୍ତ ତ୍ରିପାଠୀଙ୍କ ବୈଦିକ ମନ୍ତ୍ର ଆବାହନରେ କଳସ ପୂଜା ସହିତ ସୂର୍ଯ୍ୟ ପୂଜା, ଅଷ୍ଟାଦଶ ମାତୃପୂଜା, ମାତୃମଣ୍ଡଳ, ଗ୍ରହାଦିପାଳ, ବ୍ରହ୍ମା ସାବିତ୍ରୀ ପୂଜନ, ବିଶ୍ୱକର୍ମା ପୂଜା, ଇନ୍ଦ୍ର ଇନ୍ଦ୍ରାଣୀ ବିବାହ ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାଛଡା ମନ୍ଦିର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ମଧ ଗର୍ଭାଧାରଣ ପୂଜା ଆୟୋଜନ ହୋଇଥିଲା। ଏଥିରେ ସଂକଳ୍ପ କର୍ତ୍ତା ଭାବେ ବିଦ୍ୟାଧର ଧଳ ଓ ସଂଯୁକ୍ତା ଧଳ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ଅନ୍ୟତମ ବରିଷ୍ଠ ନାଗରିକ ସୁବାସ ଚନ୍ଦ୍ର ଧଳ, କରୁଣାକର ସାମଲ, କୃଷ୍ଣ ଚନ୍ଦ୍ର ଶଙ୍ଖୁଆ, ପ୍ରକାଶ କୁମାର ନାୟକ, ସୁଧାକର ସାମଲ, ପରମାନନ୍ଦ ସାମଲ, ଭରତ ଶଙ୍ଖୁଆ, ଶରତ ପରିଡା ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଗ୍ରାମର ଶହ ସହସ୍ରାଧିକ ଜନସାଧାରଣ ଉପସ୍ଥିତ ରହି ମନ୍ଦିର କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ ପାଇଁ ପ୍ରାର୍ଥନା କରିଥିଲେ। ଦିବସଭରି ଉତ୍ସବକୁ ବିରଞ୍ଚି ଧଳ, ନିର୍ମଳ ସାମଲ, ବିଳାସ ଧଳ, ଅଶୋକ କୁମାର ଧଳ, ମନୋଜ କୁମାର ଧଳ, ଦେବେନ୍ଦ୍ର ସାମଲ, ମାନସ ସାମଲ, ଦୁଃଶାସନ ସାମଲ, ସୁଦର୍ଶନ ସାମଲ, ପରମେଶ୍ୱର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

■ ନୀଳଗିରିରେ ଗଢ଼ା ଚାଲିଛି ତିନି ରଥ

# ୨ ବରାନ୍ଦ ଓ ୧୨ଟି ଠିଆ କାର୍ଯ୍ୟ ଶେଷ



**ନୀଳଗିରି,୧୭।୬(ସମିସ):** ପୁରୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆସନ୍ତା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ। ରଥଯାତ୍ରାକୁ ଆଉ ମାତ୍ର ୨୦ ଦିନ ବାକି ରହିଲା। ଠିକ ସେହିଭଳି ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲ୍ଲା ନୀଳଗିରି ରଥଯାତ୍ରା ପାଇଁ ମୁଖ୍ୟ ମହାରଣା ସତ୍ୟନାରାୟଣ ମହାରଣାଙ୍କ ନେତୃତ୍ୱରେ ତିନି ରଥରେ ୪୨ ଗୋଟି ଚକ ଓ ୧୪ ଗୋଟି ଚକ ନିର୍ମାଣ କାର୍ଯ୍ୟ ଶେଷ ପରେ ରଙ୍ଗ ଦିଆଯାଇ ଅଖରେ ଚକ ଲଗାଯାଇଛି। ଏହି ଦୃଷ୍ଟିରୁ ରଥଖଳା ଏବେ ବେଶ ଚଳଚଞ୍ଚଳ। ତିନି ରଥ ପାଇଁ ୨୧ ଗୋଟି (୧୪ ଫୁଟିଆ ଲମ୍ବ ଏବଂ ୧୦ ଇଞ୍ଚ ଓସାରର) ଅଖ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏବେ ୨ଗୋଟି ବରାନ୍ଦ, ୧୨ ଗୋଟି ଠିଆ କାର୍ଯ୍ୟ ଶେଷ ହୋଇଥିବା ବେଳେ, ଭୁଗୁଡ଼ା, ଛାତ, କାର୍ଯ୍ୟ ଚାଲୁଛି। ପରେ ୪ ଗୋଟି ସୁନା ଖମ୍ବ, ଚୁଳି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟ ମହାରଣା ସୂଚନା ଦେଇଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ୧୪ ଜଣ ଭୋଇ ସେବକ ନିୟୋଜିତ ଅଛନ୍ତି। ରୂପକାରମାନେ ଶ୍ରୀନୃସିଂହ, ସୂର୍ଯ୍ୟ ଦେବ, ପାଶ୍ୱର୍ ଦେବଦେବୀଙ୍କ ଖୋଦେଇ କାମ ଚାଲୁ ରଖିଛନ୍ତି। ରଥରେ ଲାଗୁଥିବା ଲୁହା କଣ୍ଟା ଓ ବଳା କମାର ଶାଳରେ ତିଆରି ଏକ ପ୍ରକାର ସରିଥିବା ମୁଖ୍ୟ ମହାରଣା କହିଛନ୍ତି।

ଆମ ଅଧିକାର ଫାଉଣ୍ଡେସନ୍‌ର ନିଆରା କାର୍ଯ୍ୟକ୍ରମ

# ଛୋଟ ପିଲା ଓ ମହିଳାଙ୍କ ମୁହଁରେ ଫୁଟିଲା ହସ



**ବଳରାମପୁର,୧୭।୬(ସମିସ):** କଥାରେ ଅଛି ବାର ମାସ ତେର ପର୍ବ। ଆଉ ଏହି ତେର ପର୍ବପର୍ବାଣୀ ମଧ୍ୟରୁ ରଜ ପର୍ବ ଓଡ଼ିଶାରେ ବିଶେଷ କରି ମହିଳାଙ୍କ ପାଇଁ ଆନନ୍ଦ ଓ ଉଲ୍ଲାସ ଆଣିଥାଏ। ମାତ୍ର ଆମ ସମାଜରେ ବହୁ ଆର୍ଥିକ ଅନଗ୍ରସର ପରିବାରର ମହିଳା ଅଛନ୍ତି ଯେଉଁମାନେ ଏହି ଖୁସିରୁ ବଞ୍ଚିତ ହେଉଛନ୍ତି। ତେବେ ଏହି ବର୍ଗର କୁନି କୁନି ପିଲା ଓ ମହିଳାଙ୍କ ମଧ୍ୟରେ ଖୁସି ଆଣିବା ପାଇଁ ଗତକାଲି ରଜ ପର୍ବ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ବାଲିକୁଟି ପଞ୍ଚାୟତ ଛଡା ଗ୍ରାମର ଆସିବାସୀ ସାହିରେ ଆମ ଅଧିକାର ଫାଉଣ୍ଡେସନ ସାମାଜିକ ସଂଗଠନର ସମସ୍ତ କର୍ମକର୍ତ୍ତା ପ୍ରୟାସ କରିଛନ୍ତି। ସଂଗଠନର ମହିଳା ସଦସ୍ୟା ମାନେ ପ୍ରଥମେ ୧୦୦ରୁ ଉର୍ଦ୍ଧ୍ୱ ଛୋଟ ଛୋଟ ପିଲା ଓ ମହିଳାଙ୍କୁ ସାଜସଜା କରିଥିଲେ। କାର୍ଯ୍ୟକ୍ରମକୁ ଆହୁରି ମଜାଳିଆ ଓ ଉଲ୍ଲସିତ କରିବା ପାଇଁ ସଂଗଠନର ସଦସ୍ୟମାନେ ମହିଳାମାନଙ୍କ ପାଇଁ ବେଲୁନ ଓ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତାର ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସିଆରପି ଦିଦି ହରିପ୍ରିୟା ପାଳ ଓ କବିତା ବିଶ୍ୱାଳ ଯୋଗ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯିବା ସହିତ ସମସ୍ତଙ୍କୁ କେକ୍, ମିଠା ଓ ଚକୋଲେଟ ଆଦି ବଣ୍ଟନ କରାଯାଇଥିଲା। ସାମାଜିକ ସଂଗଠନର ପ୍ରତିଷ୍ଠାତା ରାଜକିଶୋର ପାତ୍ରଙ୍କ ପ୍ରଚେଷ୍ଟା ଏବଂ ସଦସ୍ୟ ଗୋବିନ୍ଦ ବେହେରାଙ୍କ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗୁଁ ଏହି କାର୍ଯ୍ୟକ୍ରମଟି ହୋଇପାରିଛି। ପ୍ରିୟନାଥ ମୁର୍ମୁ, କଟି ମାରାଣ୍ଡି, ଫଗୁ ହେମ୍ବ୍ରମ୍, ଅମର ପଟ୍ଟାୟତ, ଅରୂପ କୁମାର ଜେନା, ଅଜୟ ଜେନା, ଆଶିଷ କୁମାର ସାହୁ, ଲକ୍ଷ୍ମୀଧର ପ୍ରଧାନ, ସୁବାସ ଦାସ, ସନ୍ତୋଷିନୀ ପଣ୍ଡା, ହରିପ୍ରିୟା ମଣ୍ଡଳ, ସ୍ନିଗ୍ଧା ମୁର୍ମୁ, ବିନୟା ସିଂ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାମାଜିକ ସଂଗଠନର ଏପରି ନିଆରା ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ସାଧୁବାଦ ଜଣାଇଛନ୍ତି।

# ରଜ ଉତ୍ସବରେ ବୃକ୍ଷ ମଣିଷ ଗୁରୁଜୀ ନରହରିଙ୍କୁ ସମ୍ବର୍ଦ୍ଧନା



**ଜଳେଶ୍ୱର ବ୍ଲକ,୧୭।୬(ସମିସ):** ଓଡ଼ିଆ ସଂସ୍କୃତି, ପରମ୍ପରା ଓ ମାଟି ସହ ଜଡ଼ିତ ଥିବା ରଜପର୍ବ ଅବସରରେ 'ରଜ ମହୋତ୍ସବ' ସାମାଜିକ ସଂଗଠନ ତିହିଡି ଯୁବମଞ୍ଚ ପକ୍ଷରୁ ତିହିଡି ଟାଉନ ହଲ୍ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଆୟୋଜିତ ସଭାରେ ସଂଗଠନର ଉପଦେଷ୍ଟା ତଥା ସମାଜସେବୀ ଶଶିକାନ୍ତ ନାୟକ ସଭାପତିତ୍ୱ କରି କୃଷିଭିତ୍ତିକ ଏହି ପ୍ରାକୃତିକ ପର୍ବ ଅବସରରେ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ଉନ୍ମୋଚନ, ଭାଇଚାରା, ପରମ୍ପରା ଓ ସଂସ୍କୃତି, ଉଜ୍ଜୀବିତ ରହୁଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ରାଜ କିଶୋର ବିଶ୍ୱାଳ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଅମରେଶ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ତିହିଡି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ, ଯୁବ ସମାଜସେବୀ ସିଦ୍ଧାର୍ଥ ସ୍ଥିତପ୍ରଜ୍ଞ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସଂଯୋଜକ ଆଇନଜୀବୀ ନୀଳ ମାଧବ ସେନାପତି ପ୍ରମୁଖ ମଞ୍ଚାସୀନ ହୋଇ ପର୍ବର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ସୁବ୍ରତ ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ସାଂସ୍କୃତିକ ସଂଯୋଜକ ଯୁବ ଗାଳ୍ପିକ ମନୋଜ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି କୈଳାସ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ନିରଞ୍ଜନ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜ ସେବାରେ ଅଗ୍ରଦୂତ, ପରିବେଶ ଲାଗି ସଦା ସର୍ବଦା ଚିନ୍ତିତ, ଗଛ ମଣିଷ ଭାବେ ଜଳେଶ୍ୱର ଅଞ୍ଚଳର ଜଣାଶୁଣା ଗୁରୁଜୀ ନରହରି ବେହେରାଙ୍କୁ 'ପ୍ରକୃତି ମିତ୍ର' ପୁରସ୍କାର ଦିଆଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ମଧ୍ୟ ଜଳେଶ୍ୱରରୁ ନେଇଥିବା ବୃକ୍ଷ ଚାରାକୁ ମଞ୍ଚାସୀନ ଅତିଥି ଓ ସଂଗଠନର କର୍ମକର୍ତ୍ତାଙ୍କୁ ବଣ୍ଟନ କରିଥିଲେ।

# ଡମ୍ଫର୍ ଧକ୍କାରେ ଜଣେ ମୃତ; ୨ ଗୁରୁତର

**ନୀଳଗିରି,୧୭।୬(ସମିସ):** ଆଜି ଅପରାହ୍ନ ୨ଟା ସମୟରେ ନୀଳଗିରି ମହିଳା ମହାବିଦ୍ୟାଳୟ ନିକଟବର୍ତ୍ତୀ ଗୁଡ଼ିପୋଖରୀ ପାଖରେ ଦ୍ରୁତ ବେଗରେ ସଜନାଗଡ଼- ନୀଳଗିରି ବସ୍‌ଷ୍ଟାଣ୍ଡ ଅଭିମୁଖେ ଆସୁଥିବା ଏକ ଡମ୍ଫରଟି ନୀଳଗିରିରୁ କଦମସାହି ଅଭିମୁଖେ ଯାଉଥିବା ୨ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା। ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଥି ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ, କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ କଟକ ଯିବା ବେଳେ ଭଦ୍ରକ ପାଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ନୀଳଗିରି ଏନଏସି ଅନ୍ତର୍ଗତ ସାନଅତା ଗ୍ରାମର ସ୍ୱର୍ଗତ ମନମୋହନ ମୁଦୁଲିଙ୍କ ପୁଅ ମାନଗୋବିନ୍ଦ ମୁଦୁଲି। ଅନ୍ୟ ଦୁଇ ଜଣ ଆହତ ହେଲେ ନୀଳଗିରି ବ୍ଲକ ଭଉଁରିଆଁବାଡ଼ ପଞ୍ଚାୟତ କମାରଖାଲିଆ ଗ୍ରାମର ସୁଶାନ୍ତ କୁମାର ସିଂ (୩୫) ଓ ସୋର ଅଞ୍ଚଳର ଯୋଗେନ୍ଦ୍ର ଓଝା (୪୭)। ଅପରପକ୍ଷରେ ଡମ୍ଫର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ନୀଳଗିରି ପୁଲିସ ଦୁଇ ବାଇକ୍ ଓ ଡମ୍ଫରକୁ ଜବତ କରି ତଦନ୍ତ ଚଳାଇଛି।

# ବିଭିନ୍ନ ସ୍ଥାନରେ 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ



**ଔପଦା,୧୭।୬(ସମିସ):** ଆର୍ଟ ଅଫ୍ ଗିଭିଂ ପକ୍ଷରୁ ସମାଜର ସୁଖ ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ବାଣ୍ଟି ପୂର୍ବତନ ସାଂସଦ ଡ. ଅଚ୍ୟୁତ ସାମନ୍ତ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। କିଟ୍, କିସ୍ ଓ କିମ୍‌ସର ମିଳିତ ସହଯୋଗରେ ୧୧ତମ ଆର୍ଟ ଅଫ ଗିଭିଂ ଦିବସ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକର ତଳକିଆ, ଅଘିରାପଦା, ବଡ଼ପୋଖରୀ, ଗଡ଼ସାହି, ରାଏରାମଚନ୍ଦ୍ରପୁର ଓ ଫତେପୁର ଆଦି ପଞ୍ଚାୟତ ମୁଖ୍ୟାଳୟରେ ପାଳିତ ହୋଇଯାଉଛି। ସୁଖ ଶାନ୍ତି ଓ ଭାଇଚାରା ଭାବ ନେଇ ହସ ଖୁସିରେ ଜୀବନ ବିତାଇବା ଓ କୁନା କୁନି ପିଲାମାନଙ୍କ ଉତ୍ତମ ଚରିତ୍ର ଗଠନ କରିବା ସମ୍ପର୍କରେ ସଚେତନତା କରାଯିବା ସହ ଏ ସମ୍ପର୍କିତ ବାର୍ତ୍ତାର ଲିଫଲେଟ ବଣ୍ଟାଯାଇଛି। କିମ୍‌ସର ସିନିୟର ଅପରେସନ ଇନ୍‌ଚାର୍ଜ ନୀଳାମ୍ବର ନାୟକ, ସଞ୍ଜୟ କୁମାର ନାୟକ, ଉମେଶ ବେହେରା, ହରିହର ମହାନ୍ତି, ଯଦୁନାଥ ବେହେରା, ସୂର୍ଯ୍ୟକାନ୍ତ ଜେନା, ଜ୍ୟୋତିର୍ମୟ ପରିଡା, ହରେକୃଷ୍ଣ ପରିଡା ପ୍ରମୁଖ ଯୋଗ ଦେଇଥିଲେ।



**ବାଲେଶ୍ୱର(ଉତ୍ତର),୧୭।୬(ସମିସ):** ପୂର୍ବତନ ସାଂସଦ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଆର୍ଟ ଅଫ ଗିଭିଂର ପ୍ରତିଷ୍ଠା ଦିବସ ଆଜି ଭୋଗରାଇ ବ୍ଲକ ନହରା ପଞ୍ଚାୟତର ବଡ଼ମନ୍ଦାରୁଣୀ ଲୀଳାକ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ ଗିଭିଂର ବାଲେଶ୍ୱର ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଅନିଲ କୁମାର ପରିଡ଼ାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆର୍ଟ ଅଫ ଗିଭିଂର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଯୁବନେତା ସୁବ୍ରତ ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ଘୋଷ, ଅମ୍ବରିଶ ପରିଡା, ଜଗଦୀଶ ପରିଡା, ଶାନ୍ତନୁ ପରିଡା, ଜୟ ନାରାୟଣ ପରିଡା, ଛାତ୍ର ଆଦ୍ୟପ୍ରାଣ ପ୍ରଧାନ, ଉତ୍ତମ ଦଳାଇ, ରାଜକୁମାର ଘୋଷ, ଶ୍ରୀହରି ସେଠୀ, ବସନ୍ତ ରାଉଳ, ବିକାଶ ରାଉଳ, ନବକୃଷ୍ଣ ଧଳ, ଉମେଶ ରାଉଳ, ସଞ୍ଜୀବ କୁମାର ପ୍ରଧାନ, ଶିବାଶିଷ ପ୍ରଧାନ, ବେଣୁଧର ରାଉଳ, ଶିବ ଶଙ୍କର ପରିଡା, ସୁଶୀଲ କୁମାର ଆଚାର୍ଯ୍ୟ, ନିତ୍ୟାନନ୍ଦ ଆଚାର୍ଯ୍ୟ, ଗିରିଜା ଶଙ୍କର ଦଳାଇ, ବିଶ୍ୱଜିତ ରାଉଳ, ଶିବଶଙ୍କର ପରିଡା, ଶଶି କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ରବୀନ୍ଦ୍ର ନାରାୟଣ ପରିଡା, ପରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତଙ୍କ ମଧ୍ୟରେ ଦେବାର କଳାକୁ ପ୍ରଚାର ଓ ପ୍ରସାର କରାଇବା ପାଇଁ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅମ୍ବରିଶ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସୋରରେ ଇଦ୍-ଉଲ୍-ଜୁହା ପାଳିତ



**ସୋର,୧୭।୬(ସମିସ):** ସୋରରେ ଇଦ୍-ଉଲ୍-ଜୁହା ପାଳନ ଅବସରରେ ପୌରପାଳିକା ଅନ୍ତର୍ଗତ ଇଦଘା ପଡିଆଠାରେ ମୁସଲିମ ସମ୍ପ୍ରଦାୟ ତରଫରୁ ଏକ ସମୂହ ନମାଜ ପାଠ ଅନୁଷ୍ଠିତ ହୋଇଥିଲା। ନମାଜ ପାଠ ସରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇ ଏହି ପର୍ବକୁ ପାଳନ କରିଥିଲେ। ଏହି ସମୂହ ନମାଜ ପାଠରେ ପଠାନ ମହଲା ମସଜିଦର ମୌଲାନା ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ। ସେହିଭଳି ସକାଳ ୮.୩୦ରେ କାଜି ମହଲା ମସଜିଦ, ୯.୦୦ରେ ପଠାଣ ମହଲା ମସଜିଦରେ ନମାଜ ପାଠ କରାଯାଇଥିବା ବେଳେ ଅନ୍ୟ ମସଜିଦରେ ମଧ୍ୟ ନମାଜ ପାଠ କରାଯାଇଥିଲା। ନମାଜ ପାଠ ସରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଘରକୁ ଯାଇ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିଥିଲେ। ଏଥିରେ ପାର ମହଲା, ପଠାନ ମହଲା, କାଶୀପୁର, ଖପରା ନାଳ, ଛତ୍ରପୁର, ମୋଦି ନଗର ଇଟୁଆ ଆଦି ଅଞ୍ଚଳ ଓ ସୋର ବ୍ଲକ ପାଖର ପଞ୍ଚାୟତ ବେଲପୁର କାନ୍ଠଥ ଗଡିଆ ଅଞ୍ଚଳର ମୁସଲମାନ ଭାଇମାନେ ବେଲପୁର ଇଦଘା ପଡିଆ ଓ ମସଜିଦରେ ମଧ୍ୟ ନମାଜ ପାଠ କରିଥିଲେ। ନମାଜ ପାଠ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରା ଏବଂ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ୧୫ ଜଣ ପୁଲିସ ଅଧିକାରୀ ଏବଂ ତିନି ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

# କୁଳଡ଼ିହାରେ ରଜ ମଉଜ ଉଦ୍‌ଯାପିତ



**ରାଜଘାଟ,୧୭।୬(ସମିସ):** ଓଡ଼ିଶାର ଗଣ ପର୍ବ ଭାବରେ ପରିଚିତ ରଜ ପର୍ବ ଗାଁଠୁ ସହର ସବୁଠି ଏହାକୁ ଆହୁରି ନିଆରା ଢଙ୍ଗରେ ପାଳିଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅଧୀନ କୁଳଡ଼ିହା ଗ୍ରାମର କ୍ରିଷ୍ଟା କ୍ଲବ୍, କ୍ଲବ୍ ପକ୍ଷରୁ ତିନିଦିନ ଧରି ଚତୁର୍ଥ ବାର୍ଷିକୀ ରଜ ମଉଜ ପାଳନ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବାଳକ, ବାଳିକା, ଯୁବତୀ ଓ ବିବାହିତା ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ବିଶେଷ ଆକର୍ଷଣ ଥିଲା ରଜ ବିୟୁଟି ଓ କୁଇଜ ପ୍ରତିଯୋଗିତା। ଅନୁଷ୍ଠାନର ସଭାପତି ଭବାନୀ ଶଙ୍କର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନୃତ୍ୟ ଶିକ୍ଷକ ବିକର୍ତ୍ତନ କବି, ଆଦର୍ଶ ଶିକ୍ଷକ ତଥା ବର୍ଣ୍ଣବୋଧ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ଭେଲୋରା ସରପଞ୍ଚ ଦୁର୍ଗା ରାଣୀ ଜେନା, ସମିତି ସଭ୍ୟ ଅନାଦି ଚରଣ ଦାସ, ଆଦର୍ଶ ଶିକ୍ଷକ ଅଭିମନ୍ୟୁ ପ୍ରଧାନ, ଶୁଭଚିନ୍ତକ ଅଜୟ ଦାସ ଓ କାଳିଚରଣ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାପତି ଭବାନୀ ଶଙ୍କର ଦାସ ଓ ସମ୍ପାଦକ ସପନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ବେଳେ କ୍ଲବର ସମସ୍ତ ସଦସ୍ୟ ରତ୍ନାକର, ନଗେନ୍ଦ୍ର, ଶରତ, ରବୀନ୍ଦ୍ର, ଦୟାନିଧି, ଖଗେନ୍ଦ୍ର, ବାପୁନ୍, ସ୍ୱାଧୀନ, ମନୋଜ, ବିଜୟ, ସମରେନ୍ଦ୍ର, ଅବିନାଶ ଓ ମାନସ ପ୍ରମୁଖ ସହଯୋଗ କରିଥିଲେ। ଗଣେଶ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିବାବେଳେ ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଘର ଭାଙ୍ଗିଲା ଦନ୍ତାହାତୀ

**ଜଳେଶ୍ୱର ବ୍ଲକ,୧୭।୬(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଳମା ଗ୍ରାମ ପଞ୍ଚାୟତର ଆମ୍ବତୁମ୍ବା ଜଙ୍ଗଲରେ ଏକ ଦନ୍ତା ହାତୀ ଗତ ୩ ଦିନ ଧରି ଉପଦ୍ରବ ଚଳାଇଛି। ଗତକାଲି ବିଳମ୍ବିତ ରାତିରେ ପ୍ରସାଦଶୋଳ ଗ୍ରାମକୁ ଯାଇ ଟୁଟିଆ ମହାନ୍ତଙ୍କ ଘର ଭାଙ୍ଗିବା ସହ ଜଗନ୍ନାଥ ମହାନ୍ତଙ୍କ ବାଡ଼ିରେ ଥିବା ପଣସ ଗଛ ନଷ୍ଟ କରିଦେଇଛି। ହାତୀକୁ ନେଇ ଗ୍ରାମ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ହାତୀଟିକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରହିଥିବା ଜଣାପଡ଼ିଛି।

ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



**ଶ୍ରଦ୍ଧାପୁର,୧୭।୬(ସମିସ):** ଭୋଗରାଇ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅଧ୍ୟକ୍ଷା କଳ୍ପନା ରାଣୀ ଭଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୧୯୯୩ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ସଫଳତାର ୩୧ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ବିଭିନ୍ନ ପାରିପାଶ୍ୱର୍ିକ ଅସୁବିଧା ହେତୁ ରୌପ୍ୟ ଜୟନ୍ତୀ ପାଳନ କରିପାରି ନାହିଁ। ତେଣୁ ଚଳିତ ବର୍ଷ ଏହାର ରୌପ୍ୟ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୧୯୯୪ରୁ ୨୦୨୪ ମସିହା ଉତ୍ତୀର୍ଣ୍ଣ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଏଥିରେ ଯୋଗଦେଇ ଚଳିତ ବର୍ଷ ନଭେମ୍ବର/ଡିସେମ୍ବର ମାସରେ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ପୁରାତନ ଛାତ୍ରୀମାନଙ୍କୁ ନେଇ ଏକ ଉତ୍ସବ କମିଟି ଗଠନ ହୋଇଥିବା ବେଳେ ଆସନ୍ତା ଜୁଲାଇ ୪ ତାରିଖରେ ଏହାର ପରବର୍ତ୍ତୀ ବୈଠକ ପାଇଁ ସ୍ଥିର କରାଯାଇଛି। ଏଥିରେ ପୂର୍ଣ୍ଣାଙ୍ଗ କମିଟି ଗଠନ ହେବା ସହ ରୌପ୍ୟ ଜୟନ୍ତୀ ସମାରୋହ ରୂପରେଖ ଓ ତାରିଖ ଚୂଡ଼ାନ୍ତ ହେବ। ଏହି ବୈଠକ ପୂର୍ବରୁ ମହାବିଦ୍ୟାଳୟ ପରିଚାଳନା କମିଟି, ପୂର୍ବତନ ପରିଚାଳନା କମିଟି ସଦସ୍ୟ/ସଦସ୍ୟା, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ଏକ ବୈଠକ ଆହ୍ୱାନ କରାଯାଇ ଉତ୍ସବର ରୂପରେଖ ଓ ଆୟୋଜନ ସମ୍ବନ୍ଧୀୟ ଦିଗଦର୍ଶନ ନିଆଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଇବାକୁ ଥିଲା ବେଳେ ଆସନ୍ତା ଜୁଲାଇ ମାସ ୩୦ ତାରିଖ ସୁଦ୍ଧା ଏଥିପାଇଁ ନିଜ ନିଜର ଲେଖା ଅଧ୍ୟକ୍ଷାଙ୍କ ନିକଟରେ ଦେବା ପାଇଁ ପୁରାତନ ଛାତ୍ରୀମାନଙ୍କୁ ନିବେଦନ କରାଯାଇଛି। ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ରାଜୀବ ଲୋଚନ ପରିଡ଼ା, ସରୋଜ କୁମାର ଦାସ ଓ ସୁବ୍ରତ କୁମାର ଦାସ, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ନାୟକ, ସାଧନା ନାୟକ ଓ ସଂଯୁକ୍ତା ମହାନ୍ତି, ଅଣଶିକ୍ଷା କର୍ମଚାରୀ ବଳରାମ ବିଶି, ପ୍ରଦୀପ କୁମାର ପାତ୍ର, ବିନ୍ଧ୍ୟବାସିନୀ ପ୍ରଧାନ ଓ କାଞ୍ଚନବାଳା ଦାସ, ପୂର୍ବତନ ଛାତ୍ରୀ ସୌମ୍ୟଶ୍ରୀ ବିଶି, ମନୋଶ୍ରୀ ଦଳାଇ, ବିଜୟଲକ୍ଷ୍ମୀ ପ୍ରଧାନ, କସ୍ତୁରୀ ପରିଡ଼ା, ଅନିୟା ଖାତୁନ, ପ୍ରିୟଙ୍କା ସାହୁ, ରତ୍ନୁପର୍ଣ୍ଣା ପଣ୍ଡା, ଅଞ୍ଜନା ଦାସ, ଗୁରୁସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

